ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୪ ଜୁନ୍, ୨୦୨୩



### ନନ୍ଦପୁର ବ୍ଲକରେ ନୂତନ ବିଇଓ

ନନ୍ଦପୁର, (ଶଙ୍କର ପୂଜାରୀ)- ନନ୍ଦପୁର ବ୍ଲକରେ ନୂତନ ବ୍ଲକ ଶିକ୍ଷାଧିକାରୀ ଭାବେ ଭବାନୀ ନନ୍ଦନ ପଟ୍ଟନାୟକ ଗୁରୁବାର କାର୍ଯ୍ୟରେ ଯୋଗଦେଇଛନ୍ତି। ତାଙ୍କୁ ଏହି ଅବସରରେ ୨ସହକାରୀ ଶିକ୍ଷାଧିକାରୀ ଗୁରୁନାଥ ମାଝି, ମମତାଜ ଗମାଙ୍ଗଙ୍କ ସହ ଅନ୍ୟ ଜଣେ ସହକାରୀ ଶିକ୍ଷାଧିକାରୀ, ବ୍ଲକର ସମସ୍ତ ସିଆର୍‌ସିସି, ନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱାଗତ କରିଥିଲେ। ନନ୍ଦପୁର ବ୍ଲକରେ ଥିବା ସମସ୍ତ ସହ ଶିକ୍ଷାଧିକାରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା ବେଳେ ପଟ୍ଟନାୟକ ନନ୍ଦପୁର ବ୍ଲକର ଥିବା ବିଦ୍ୟାଳୟଗୁଡିକର ସ୍ଥିତି ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଆଗାମୀ ଦିନରେ ଉତ୍ତମ ଭିତ୍ତିଭୂମି ଓ ଛାତ୍ରୀଛାତ୍ରଙ୍କୁ ଗୁଣବତ୍ତା ଶିକ୍ଷା ପ୍ରଦାନ ନେଇ ସେ କାର୍ଯ୍ୟ କରିବେ ବୋଲି ବ୍ଲକ ଶିକ୍ଷାଧିକାରୀ ପଟ୍ଟନାୟକ କହିଛନ୍ତି।

# କେରିମିଟି ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ନେଇ ଗ୍ରାମସଭା

- ହୋଇପାରିଲାନି କୌଣସି ନିଷ୍ପତ୍ତି
- ଭିନ୍ନଭିନ୍ନ ମତ ଦେଲେ ଗ୍ରାମବାସୀ
- ଏ ସମ୍ପର୍କିତ ସମସ୍ତ ରିପୋର୍ଟ ସରକାରଙ୍କୁ ଅବଗତ କରାଯିବ

କୁନ୍ଦୁରା, ୨୩।୬ ( ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କେରମେଟି ପଞ୍ଚାୟତସ୍ଥିତ ବାଲିବେଡା ଗ୍ରାମ ନିକଟରେ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଗୃହ ନିର୍ମାଣ କରିବାକୁ ନିଷ୍ପତ୍ତି ହେବା ପରେ ଶୁକ୍ରବାର ପୋଲିସ ଉପସ୍ଥିତିରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଛି। ବର୍ଷା ଯୋଗୁ ଧାର୍ଯ୍ୟ ସମୟର ୨ ଘଣ୍ଟା ପରେ ସାଢେ ୧୨ଟାରେ ସଭା ଆରମ୍ଭ ହୋଇଥିଲା। ସରପଞ୍ଚ ମାଣିକ ସାନ୍ତାଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ପ୍ରାୟ ୧ ହଜାରରୁ ଅଧିକ ଗ୍ରାମବାସୀ ଯୋଗଦେଇ ଥିଲେ । ଜିଲା ପଞ୍ଚାୟତ ଅଧିକାରୀ ଯୁଗଳ କିଶୋର ନାୟକ, ପିଇଓ ଭୂପେନ୍ ଜାନି, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁରେଶ୍ ଚନ୍ଦ୍ର ହୋତା ପ୍ରମୁଖ ଉପସ୍ଥିତ ରହିଆଲୋଚନା କରିଥିଲେ। ତେବେ କେତେକ ଲୋକ କେରମେଟିରେ ଏବଂ କେତେକ ଲୋକ ବାଲିବେଡା ଛକରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଦୁଇ ଗୋଷ୍ଠୀ ହୋଇ ଅଲଗା ଅଲଗା ବସିଥିବା ଦେଖିବାକୁ ମିଳିଥିଲା। ଉପସ୍ଥିତ ଅଧିକାରୀ ମାନେ ସମସ୍ତେ ଏକାଠି ବସି ଆଲୋଚନା କରିବାକୁ ସେମାନଙ୍କୁ ଅନୁରୋଧ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ।

ଆଲୋଚନା ବେଳେ କେରମେଟି ଗ୍ରାମବାସୀଙ୍କ ସହ ଅନ୍ୟ ଗ୍ରାମର କେତେକ ବ୍ୟକ୍ତି କେରମେଟି ନାଁରେ ପଞ୍ଚାୟତ ରହିଛି, ଅସ୍ଥାୟୀ ଭାବେ ପଞ୍ଚାୟତର ଦୈନନ୍ଦିନ କାର୍ଯ୍ୟ ମଧ୍ୟ ଏଠାରେ ଚାଲିଛି । ଏଣୁ କେରମେଟିରେ ହିଁ ପଞ୍ଚାୟତ କାର୍ଯ୍ୟାଳୟ କରିବାକୁ ମତ ରଖିଥିଲେ। କେନ୍ଦୁଗୁଡା ଗ୍ରାମ ସହ ଅନ୍ୟ ଗ୍ରାମର ଲୋକେ ଦୁଇ ଗ୍ରାମର ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଯୋଗୁ ଦୀର୍ଘ ବର୍ଷ ହେଲା ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହୋଇପାରୁନି। ତେଣୁ ଦୁଇ ଗ୍ରାମ ଓ ସମଗ୍ର ପଞ୍ଚାୟତର ମଝି ସ୍ଥାନ ବାଲିବେଡାରେ ଏହା ହେଉ ବୋଲି ମତ ଦେଇଥିଲେ। ସଭାରେ ଦୁଇ ପକ୍ଷ ନିଜ ନିଜ କଥାରେ ଅଟଳ ଥିବାରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ କୌଣସି ସିଦ୍ଧାନ୍ତରେ ଅଧିକରୀମାନେ ପହଞ୍ଚି ପାରି ନ ଥିଲେ। ଶେଷରେ ଗ୍ରାମସଭାର ଉପସ୍ଥାପିତ ଜନମତକୁ ନେଇ ସମସ୍ତ ତଥ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ସମ୍ପ୍ରସାରଣ ଅଧିକାରୀ ହୋତା କହିଥିଲେ। ପରେ ସେ ଲିଖିତ ବିବରଣୀ ପାଠ କରି ଗ୍ରାମବାସୀଙ୍କୁ ଶୁଣାଇଥିଲେ । ଜନମତ ଅନୁସାରେ କେରମେଟି, ବାଲିବେଡା, କେନ୍ଦୁଗୁଡା, ଜବାପଦର ଓ କନ୍ଦାଯୋଡିରେ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ମତ ପ୍ରକାଶ ପାଇଛି। ଏନେଇ ଭୋଟ କରିବା ପାଇଁ ମଧ ଜନମତ ରହିଛି। ମାତ୍ର ଏଠାରେ ଉପସ୍ଥିତ ସାବାଳକ ଭୋଟରଙ୍କ ଆଖିଦୃଶିଆ ଆକଳନ ଅନୁସାରେ କେରମେଟି ପାଇଁ ବହୁମତ ରହୁଛି। ଅନ୍ୟ ପକ୍ଷରେ ଏହାର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ଜଣାଇବା ପାଇଁ ମତ ନିଆଯାଇଛି। ପରିସ୍ଥିତିକୁ ଆକଳନ କରି ସରପଞ୍ଚ ବୈଠକକୁ ସ୍ଥଗିତ ରଖିଛନ୍ତି ବୋଲି ହୋତା ଉକ୍ତ ବିବରଣୀ ପାଠ କରି ଶୁଣାଇଥିଲେ। ଗ୍ରାମ ସଭାକୁ ଶାନ୍ତି ଶୃଙ୍ଖଳାର ସହ କରିବା ନିମନ୍ତେ ବ୍ଲକ ପ୍ରଶାସନ ବିଡିଓ ବିଚିତ୍ରା ନନ୍ଦ ନାୟକ, ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ଆୟୁବ ମଣ୍ଡଳ, ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ସହ ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ, ସମିତିସଭ୍ୟା ଗୋରୀ ହରିଜନ, ସମସ୍ତ ୱାର୍ଡ଼ ସଭ୍ୟାସଭ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଏହି ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ଲାଗି ଦୀର୍ଘ ବର୍ଷ ହେଲା କେରିମିଟି ଓ କେନ୍ଦୁଗଡା ପଞ୍ଚାୟତ ମଧ୍ୟରେ ବିବାଦ ଲାଗି ରହିଛି। ମାମଲା କୋର୍ଟରେ ପହଞ୍ଚିବା ପରେ ଏବେ କୋର୍ଟ ଏହାର ଶୁଣାଣି କରି ଉଭୟ ପଞ୍ଚୟତର ମଧ୍ୟବର୍ତ୍ତୀ ସ୍ଥାନ ବାଲିବେଡାରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଏଥିପାଇଁ ଶୁକ୍ରବାର ଗ୍ରାମସଭା ବସିଥିଲା।



ଗ୍ରାମସଭାରେ ଅଧିକାରୀମାନେ ଶୁଣାଣି କରୁଛନ୍ତି ।


ଗ୍ରାମସଭାରେ ଉପସ୍ଥିତ ଜନସାଧାରଣ ।

## ମୁକ୍ତା ଯୋଜନାରେ କୋରାପୁଟକୁ ୭କୋଟି ୯୫ଲକ୍ଷ

କୋରାପୁଟ, ୨୩।୬(ଅମିତାଭ ବେହେରା)

ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାରେ ଚଳିତ ଆର୍ଥିକ ବର୍ଷରେ କୋରାପୁଟ ମ୍ୟୁନିସିପାଲିଟିକୁ ୭କୋଟି ୯୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। କୋରାପୁଟ ମ୍ୟୁନିସିପାଲିଟି ଅଡିଟୋରିୟମରେ ଆୟୋଜିତ ମୁକ୍ତା ଯୋଜନା ସମ୍ପର୍କିତ ଦିନିକିଆ ତାଲିମ ଶିବିରରେ ପୌରାଧକ୍ଷ ଲଲାଟରଞ୍ଜନ ସେଠୀ ସୂଚନା ଦେଇଛନ୍ତି। ପୌରାଧକ୍ଷ ସେଠୀ ଶିବିର ଉଦ୍‌ଘାଟନ କରିଥିଲେ। ଏହି ତାଲିମ ଶିବିରରେ ସମ୍ମାନିତ ଅତିଥିଭାବେ ପୌର ନିର୍ବାହୀ ଅଧିକାର ସ୍ୱସ୍ତିକ ଜମାଦାର, ଉପଧକ୍ଷା ସବିତା ପଣ୍ଡା ଯୋଗଦେଇ ମୁକ୍ତା ଯୋଜନାର ହେବାକୁ ଥିବା ମ୍ୟୁନିସିପାଲିଟିରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ସୂଚନା ଦେଇଥିଲେ। ଗତ ଦୁଇ ବର୍ଷରେ କାରାପୁଟ ମ୍ୟୁନିସିପାଲିଟି ଅଞ୍ଚଳରେ ମୁକ୍ତା ଯୋଜନାରେ ୭୩୬ ପ୍ରକଳ୍ପ ନିମନ୍ତେ ୮ କୋଟି ୧୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା କନିଷ୍ଠ ଯନ୍ତ୍ରୀ ସନ୍ତୋଷ ପାଣିଗ୍ରାହୀ କହିଛନ୍ତି। ଏହିପ୍ରକଳ୍ପରେ ଏସ୍‌ଏଚ୍‌ଜି ମହିଳାଙ୍କ ପାଇଁ ପରିଚୟ ଗୃହ, ମିନି ପାର୍କ, ଜଳ ଅମଳ ପ୍ରକଳ୍ପ, ଓପନ ଜିମ, ଜଗିଙ୍ଗ ଟ୍ରାକ, ପେଭର ରୋଡ ଓ ଶୌଚାଳୟ ନବୀକରଣ କାର୍ଯ୍ୟ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଭୁବନେଶ୍ୱରରୁ ମନୋରଞ୍ଜନ ମିଶ୍ର ଓ ଉପହାର ବେହେରା ଏହି ତାଲିମ ଶିବିରରେ ଯୋଗଦେଇ ଏସ୍‌ଏଚ୍‌ଜି ମହିଳା ଓ ଏସ୍‌ଡିଏ ସଦସ୍ୟାଙ୍କୁ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମକୁ କନିଷ୍ଠ ଯନ୍ତ୍ରୀ ପରିଚାଳନା କରିଥିଲେ। ସିଏମ୍‌ଏମ୍‌ୟୁ ମ୍ୟାନେଜର ଶଶିକାନ୍ତ ସାହୁ, ମଧୁସ୍ମିତା ପ୍ରହରାଜ ଓ ସଙ୍ଗୀତା ସିଂ, ମୁକ୍ତା ଯୋଜନାର ଶିକ୍ଷା ବିଡିକା ଓ ଶତାବ୍ଦୀ ଦେଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପୂର୍ବତନ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକଙ୍କ ମୃତ୍ୟୁ ଘଟଣା
### ତତ୍କାଳୀନ ଜିଲାପାଳଙ୍କ ବିରୋଧରେ ଲାଗିଥିବା ଦଫା ରଦ୍ଦ

ମାଲକାନଗିରି, ୨୩।୬(ଦୁର୍ଯ୍ୟୋଧନ ପାତ୍ର)- ମାଲକାନଗିରି ଜିଲା ତତ୍କାଳୀନ ଜିଲାପାଳ ମନିଷ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡାଙ୍କ ମୃତ୍ୟୁ ଘଟଣାକୁ ନେଇ ତାଙ୍କ ସ୍ତ୍ରୀ ବନଜା ପଣ୍ଡା ଓ ପରିବାର ବର୍ଗ ଜିଲାପାଳଙ୍କ ନାମରେ ହାଇକୋର୍ଟରେ ଏକ ମାମଲା ଦାଏର କରିଥିଲେ। ଶୁକ୍ରବାର ହାଇକୋର୍ଟ ଏହି ମାମଲାରେ ଲଗାଯାଇଥିବା ସମସ୍ତ ଦଫା ମିଥ୍ୟା ବୋଲି ପ୍ରକାଶ କରି ତତ୍କାଳୀନ ଜିଲାପାଳଙ୍କ ସହ ମାଲକାନଗିରି ଜିଲାର ଅନ୍ୟ କର୍ମଚାରୀଙ୍କ ବିରୋଧରେ ଲାଗିଥିବା ସବୁ ମାମଲାରୁ ସେମାନଙ୍କୁ ମୁକ୍ତ କରିଛନ୍ତି। ଗତ ୨୦୧୯ ଡିସେମ୍ବର ୨୬ ତାରିଖରେ ତତ୍କାଳୀନ ଜିଲାପାଳ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ପଣ୍ଡାଙ୍କ ମୃତଦେହ ମାଲକାନଗିରି ସଦର ମହକୁମାସ୍ଥିତ ସତୀଗୁଡା ଜଳଭଣ୍ଡାରରୁ ମିଳିଥିଲା । ସେ ଏହି ଜଳଭଣ୍ଡାରରେ ବୁଡି ମୃତ୍ୟୁବରଣ କରିଥିଲେ। ତେବେ ଏହାକୁ ନେଇ ତାଙ୍କ ସ୍ତ୍ରୀ ବନଜା ଏହା ଆତ୍ମହତ୍ୟା ନୁହେଁ, ହତ୍ୟା ଏବଂ ଏଥିରେ ତତ୍କାଳୀନ ଜିଲାପାଳ ଅଗ୍ରୱାଲଙ୍କ ସମ୍ପୃକ୍ତି ଅଛି ବୋଲି ଦାବି କରି ଜିଲାପାଳଙ୍କ ସହ ଅନ୍ୟ କେତେକ କର୍ମଚାରୀଙ୍କ ନାମରେ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଏହି ମାମଲା ଦୀର୍ଘ ୪ ବର୍ଷ ହେଲା ବିଚାରାଧୀନ ଥିଲା। ଏବେ ତତ୍କାଳୀନ ଜିଲାପାଳ ଅଗ୍ରୱାଲ ଓ ତାଙ୍କ କର୍ମଚାରୀଙ୍କ ଉପରେ ଲାଗିଥିବା ସମସ୍ତ ଦଫା ମିଥ୍ୟା ବୋଲି ହାଇକୋର୍ଟ ଘୋଷଣା କରିବା ସହ ଜିଲାପାଳ ଓ କର୍ମଚାରୀଙ୍କ ଉପରେ ଲାଗିଥିବା ଦଫାଗୁଡିକ ରଦ୍ଦ କରିଦେଇଛନ୍ତି। ଏହି ଖବର ପାଇବା ପରେ କର୍ମଚାରୀମାନେ ଖୁସି ପ୍ରକଟ କରିବା ସହ ସତ୍ୟର ଜୟ ବୋଲି କହିଛନ୍ତି।

### ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଜୟପୁର, ୨୩।୬ (ପବନ ପାଣିଗ୍ରାହୀ)- ଜଣେ ନାବାଳିକାଙ୍କୁ ଅପହରଣ କରିନେଇ ବଳାତ୍କାର କରିବା ନେଇ ରୁଜୁ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ଜୟପୁର ମହିଳା ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କୁନ୍ଦୁରାର ସମିର ବାରିକ। ସେ ଜଣେ ନାବାଳିକାଙ୍କୁ ଅପହରଣ କରିନେଇ ବଳାତ୍କାର କରିଥିବା ସମ୍ପୃକ୍ତା ନାବାଳିକା ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ସମିରଙ୍କ ସମ୍ପୃକ୍ତି ଥିବା ପ୍ରମାଣ ପାଇ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରଛି ବୋଲି ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ୨ ପଞ୍ଚାୟତବାସୀ ଭୋଗୁଛନ୍ତି ଦୁର୍ଦ୍ଦଶା
### ଅନଗାରଗୁଡ଼ା-ହଳଦୀଶିଲ ରାସ୍ତା

ଦଶମନ୍ତପୁର ୨୩।୬ (ଅରବିନ୍ଦ ନାୟକ ) କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଦୁଆରଶୁଣୀ ପଞ୍ଚାୟତର ଅନଗାରଗୁଡ଼ା-ହଳଦୀଶିଲ ରାସ୍ତା ଶୋଚନୀୟ ଥିବାରୁ ଅଞ୍ଚଳର ୨ଟି ପଞ୍ଚାୟତର କେତେକ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନଗାରଗୁଡ଼ାରୁ ୩ କି.ମି. ଗଲେ ପଡେ ହଳଦୀଶିଲ ଗ୍ରାମ। ଏହି ରାସ୍ତା ପୁନଃ ନିର୍ମାଣ ହେଲେ ଦୁଆରଶୁଣୀ ପଞ୍ଚାୟତର ବାଲିଘାଟ, ଚାନ୍ଦାଇପଦର, ନାରଗାଁ ଗ୍ରାମ ଗ୍ରାମବାସୀ ଉପକୃତ ହେବେ। ସେହିପରି ଗିର୍ଲିଗୁମ୍ମା ପଞ୍ଚାୟତର ଲୋକେ ମଧ ଉପକୃତ ହୋଇପାରିବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନଗାରଗୁଡ଼ା ଗ୍ରାମରେ ୫୦ ଘର ପରିବାର ବସବାସ କରୁଥିବା ବେଳେ ହଳଦୀଶିଲର ଆଦିବାସୀ ସାହିରେ ୫୫ ଏବଂ ହରିଜନ ସାହିରେ ୨୩ ପରିବାର ବସବାସ କରୁଛନ୍ତି। ଅନଗାରଗୁଡ଼ାରୁ ହଳଦୀସିଲ ସଂଯୋଗ କରୁଥିବା ରାସ୍ତାରେ ହରିଜନ ସାହି ଦେଇ ଯିବାକୁ ହେଲେ ବେଡ଼ାଝୋଲା, ସେମିଲିଖନ୍ଦା ଝୋଲା ଏବଂ ଡୁମୁରି ଗଛ ନାଳ ପଡିଥାଏ। ଆଦିବାସୀ ସାହିକୁ ଯିବାକୁ ହେଲେ ଝାକର ବେଡା, ଚପର ଝୋଲା, ବିଶ୍ରିନାମ ଝୋଲା, ଯୋଡ଼ିଗଛ ଝୋଲା ଓ କୁସୁମ ଗଛ ଝୋଲା ଦେଇ ଆସିଲେ ଆଦିବାସୀ ସହିରେ ପହଞ୍ଚିହୁଏ ବୋଲି କହିଛନ୍ତି ସାହିବାସିନ୍ଦା। ତେବେ ଏହି ସବୁ ନାଳ ଏବଂ ଝୋଲା ପାର ହେଇ ଆମେ ମୁରାନନଦୀରେ ଡଙ୍ଗାଘାଟ ଦେଇ ଦୁଆର ଶୁଣି ପଞ୍ଚାୟତ ଏବଂ ଗିର୍ଲିଗୁମ୍ମା ପଞ୍ଚାୟତିକୁ ମରଣଯନ୍ତା ପାଲଟିଥିବ ମାଟି ରାସ୍ତାରେ ଯାଇଥାଉ ବୋଲି ଗ୍ରାମର କର ଜାନି ମାଧବ ମୁଦୁଲି, ଭୀମ ଜାନି, ଡମ ମୁଦୁଲି, ସନିଆ ଜାନି, ନକୁଳ କମାର, ଦଳପତି ଜାନି, ଭାସ୍କର ମୁଦୁଲି କହିଛନ୍ତି। ମାଟି ରାସ୍ତାଟି ଅଳ୍ପ ବର୍ଷା ହେଲେ ମଧ କାଦୁଅରେ ପରିଣତ ହୁଏ। ସେ ସମୟରେ କାଦୁଅରେ ପଶି ଆମକୁ ଯିବାକୁ ପଡେ। ବର୍ଷାଦିନେ କାଦୁଅ ରାସ୍ତା ଯୋଗୁ ଗ୍ରାମକୁ ଆମ୍ବୁଲାନ୍ସ ଆସିପାରେ ନାହିଁ। କେହି ଯଦି ରୋଗରେ ପଡି ଗୁରୁତର ହୁଅନ୍ତି ତେବେ ତାଙ୍କୁ ଆମେ ଭାରରେ ବୋହି ତାଙ୍କୁ ପିଣ୍ଡା ପଦର ପଞ୍ଚାୟତର ଖଜୁରିଗୁଡ଼ା ଆରଡ଼ି ଛକକୁ ଆଣୁ। ସେଠାରୁ ଆମ୍ବୁଲାନ୍ସ ଯୋଗେ ରାସ୍ତା ସହ ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ନ ହେଲେ ଆମେ ଭୋଟ ବର୍ଜନ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



କୋରାପୁଟ ଶାବରଶ୍ରୀକ୍ଷେତ୍ର ଓ ଜୟପୁରରେ ଶୁକ୍ରବାର ଶ୍ରୀଜୀଉ ବରାହ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

## ରଣ, ଚାଷ ସାମଗ୍ରୀ ଆଣିବାକୁ ଯିବାକୁ ପଡୁଛି ୧୦୦ କି.ମି.

**ସ୍ୱାଭିମାନ ଅଞ୍ଚଳରେ ନାହିଁ ଲ୍ୟାମ୍ପ କାର୍ଯ୍ୟାଳୟ**

ଚିତ୍ରକୋଣ୍ଡା, ୨୩।୬(କ୍ଷୀରୋଦ ବେହେରା)

ଆଦିବାସୀ ଅଧ୍ୟୁଷିତ ଉପାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ବଡ଼ପଡ଼ା, ପାପରମେଟେଲା, ରାଲେଗାଡ଼ା, ଧୂଳିପୁଟ, ଯୋଡ଼ାମ୍ବ, ଗାଜୁଲୁମାମୁଡ଼ି, ପଣଷପୁଟ, ଅଣ୍ଡିରାପାଲି ଏବଂ ଯନ୍ତ୍ରୀ ପଞ୍ଚାୟତର ଚାଷୀଙ୍କ ପାଇଁ ସ୍ୱାଭିମାନ ଅଞ୍ଚଳରେ କୌଣସି ଲ୍ୟାମ୍ପ କାର୍ଯ୍ୟାଳୟ ନାହିଁ। ଫଳରେ ଲୋକେ କୃଷି ରଣ ଏବଂ ଚାଷ ସାମଗ୍ରୀ ଆଣିବା ପାଇଁ ୧୦୦ କି.ମି.ରୁଊର୍ଦ୍ଧ୍ୱ ଦୂରରେଥିବା କୁଡୁମୁଲୁଗୁମା ଲ୍ୟାମ୍ପକୁ ଯାଇ ଘାଟି ରାସ୍ତା ଦେଇ ଆଣୁଛନ୍ତି। ଚିତ୍ରକୋଣ୍ଡା କିମ୍ବା ସ୍ୱାଭିମାନ ଅଞ୍ଚଳ ବଡ଼ପଡ଼ାରେ ଲ୍ୟାମ୍ପ କାର୍ଯ୍ୟାଳୟଟିଏ ଥାନ୍ତା ତେବେ ଲୋକଙ୍କୁ ହଇରାଣ ହେବାକୁ ପଡ଼ନ୍ତାନି ବୋଲି ମତ ପ୍ରକାଶ ପାଉଛି। ଚିତ୍ରକୋଣ୍ଡା ବ୍ଲକ ହେବା ପରେ ପାଞ୍ଚ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ ବହୁ କାର୍ଯ୍ୟାଳୟ ଚିତ୍ରକୋଣ୍ଡାକୁ ଆସିପାରିନାହିଁ। ସେଥି ମଧ୍ୟରେ ଲ୍ୟାମ୍ପ କାର୍ଯ୍ୟାଳୟ ଅନ୍ୟତମ । ସ୍ୱାଭିମାନ ଅଞ୍ଚଳବାସୀଙ୍କ ସୁବିଧା ଦୃଷ୍ଟିରୁ କୁଡୁମୁଲୁଗୁମାରୁ ସ୍ୱାଭିମାନ ଅଞ୍ଚଳକୁ ଲ୍ୟାମ୍ପ କାର୍ଯ୍ୟାଳୟ ସ୍ଥାନାନ୍ତର ହେଉ ନଚେତ୍ ସ୍ୱାଭିମାନ ଅଞ୍ଚଳରେ ଏକ ନୂତନ ଲ୍ୟାମ୍ପ କାର୍ଯ୍ୟାଳୟ ଖୋଲାଯିବାକୁ ଦାବି ହେଉଛି। କୁଡୁମୁଲୁଗୁମା ଲ୍ୟାମ୍ପ ଦୀର୍ଘ ଦିନ ବ୍ୟବଧାନରେ କେବେକେମିତି ପଣଷପୁଟକୁ ଯାଇ ରଣ ମେଳା ଓ ରଣ ପରିଶୋଧ ମେଳାମାନ କରୁଛି । ତେବେ ଏଥିରୁ ଚାଷୀମାନେ ବିଶେଷ ଉପକୃତ ହେଉନାହାନ୍ତି। ଜିଲା ପ୍ରଶାସନ ସ୍ୱାଭିମାନ ଅଞ୍ଚଳର ଚାଷୀଙ୍କ ସୁବିଧା ପାଇଁ ଲ୍ୟାମ୍ପ କାର୍ଯ୍ୟାଳୟ ଖୋଲିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ମଳ ବିଶୋଧନାଗାର କେନ୍ଦ୍ର ପରିଦର୍ଶନ

ଜୟପୁର, ୨୩।୬ (ପବନ ପାଣିଗ୍ରାହୀ)

ଜୟପୁର ପୌରାଞ୍ଚଳ ଦ୍ୱାରା ମକାପୁଟରେ ହୋଇଥିବା ମଳ ବିଶୋଧନାଗାର କେନ୍ଦ୍ରକୁ ଶୁକ୍ରବାର ବୌପାରିଗୁଡା ବ୍ଲକର ୨ଟି ପଞ୍ଚାୟତର ଜନପ୍ରତିନିଧିମାନେ ପରିଦର୍ଶନ କରିଛନ୍ତି। ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଓାର୍ଡମେମ୍ବରଙ୍କ ସହ ୩୦ ଜଣ ସଦସ୍ୟ ପରିଦର୍ଶନ କରଥିଲେ। ସେମାନଙ୍କ ସହ ଏହି ଟିମ୍‌ରେ ବ୍ଲକର ସହକାରୀ ଯନ୍ତ୍ରୀ ଥିଲେ। କେନ୍ଦ୍ରର ସମସ୍ତ ତଥ୍ୟ ଜୟପୁର ପୌରାଞ୍ଚଳର କନିଷ୍ଠ ଯନ୍ତ୍ରୀ ଅଜୟ ଜାନୀ ଓ ପରିମଳ ଇଞ୍ଜିନିୟର ରାଜଶେଖର ରାଓ ଉପସ୍ଥିତ ରହି ସେମାନଙ୍କୁ ବୁଝାଇଥିଲେ। ଏଠାରୁ ଖତ ବାହାରିବା ସହ ବାହାରୁଥିବା ୫୦ ପ୍ରତିଶତ ପାଣି ବଗିଚାରେ ବ୍ୟବହାର ହେଉଛି ବୋଲି ଉଭୟେ ଟିମ୍‌କୁ ଅବଗତ କରାଇଥିଲେ। ଆସଥିବା ଏହି ଟିମ ତାଙ୍କ ପଞ୍ଚାୟତରେ ଏପରି ପ୍ରକଳ୍ପ କରିବା ପାଇଁ ଯୋଜନା କରିଛନ୍ତି ବୋଲି ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି।



ଜନ ପ୍ରତିନିଧିମାନେ ମଳ ବିଶୋଧନାଗାର ବୁଲି ଦେଖୁଛନ୍ତି।

## ବଳିଦାନ ଦିବସ ପାଳିତ

ଜୟପୁର, ୨୩।୬ (ପବନ ପାଣିଗ୍ରାହୀ)

ଭାଜପା କାର୍ଯ୍ୟାଳୟରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସକୁ ବଳିଦାନ ଦିବସ ରୂପେ ପାଳନ କରାଯାଇଛି। ମୋହନ ମାଝିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନେ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ଦାବିପତ୍ର

**ଗୋଟିଏ ଦିନ ସାମୂହିକ ଛୁଟିରେ ଆଉଟସୋର୍ସିଂ କର୍ମଚାରୀ**

କୋରାପୁଟ, ୨୩।୬(ଅମିତାଭ ବେହେରା)

କୋରାପୁଟ ଜିଲାର ୪୮ ବିଭାଗର ଶହ ଶହ ଆଉଟସର୍ସିଙ୍ଗ କର୍ମଚାରୀ ଗୋଟେ ଦିନ କାର୍ଯ୍ୟ ବନ୍ଦ କରିଛନ୍ତି। କୋରାପୁଟସ୍ଥିତ ସ୍ଥାନୀୟ ଆଦିବାସୀ ସଂଗ୍ରାଳୟରେ ଆଉଟସୋର୍ସିଙ୍ଗ କର୍ମଚାରୀମାନେ ଏକ ବୈଠକ କରିଥିଲେ। ବୈଠକ ନିଷ୍ପତ୍ତି କ୍ରମେ ଆଉଟସର୍ସିଙ୍ଗ କର୍ମଚାରୀମାନେ କୋରାପୁଟ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ୧୦ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚାକିରୀ ନିୟମିତ କରାଇବା, ପ୍ରସବ ସମୟରେ ମହିଳାଙ୍କୁ ଛୁଟି ପ୍ରଦାନ, ଗ୍ରୁପ ବି ଙ୍କୁ ୪୦ହଜାର, ଗ୍ରୁପ ସିଙ୍କୁ ୩୦୦୦୦ ଓ ଗ୍ରୁପ ଡି କର୍ମଚାରୀଙ୍କୁ ୨୧,୦୦୦ ହଜାର ଟଙ୍କା ଲେଖାଏ ଦରମା ପ୍ରଦାନ କରିବାକୁ ଦାବି ହୋଇଛି। ୧୦ଦଫା ଦାବି ନେଇ ପୂର୍ବରୁ ୪ଥର ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ରାଜ୍ୟ ସରକାର ଆଉଟସୋର୍ସିଙ୍ଗଙ୍କ ଦାବି ପୂରଣ କରୁନାହାନ୍ତି। ସେଥି ପାଇଁ ୪୮ ବିଭାଗର କର୍ମଚାରୀ ସାମୁହିକ ଛୁଟିରେ ରହି ନିଜର ଦାବି ଜଣାଇଛନ୍ତି । ୭ ଦିନ ଭିତରେ ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ ନ କଲେ ଆଗାମୀ ଦିନରେ ଆଉଟସୋର୍ସିଙ୍ଗ କର୍ମଚାରୀମାନେ ସମୂହ ଛୁଟିରେ ରହିବା ସହିତ ନବୀନ ନିବାସ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।


ଦାବି ଜଣାଇବାକୁ ଆସିଥିବା ଆଉଟ୍‌ସୋର୍ସିଂ କର୍ମଚାରୀମାନେ।

## ଜବରଦଖଲ ଉଚ୍ଛେଦ ନେଇ ନିର୍ବାହୀ ଅଧିକାରୀଙ୍କୁ ଭେଟିଲେ ଲୋକେ

ଜୟପୁର, ୨୩।୬ (ପବନ ପାଣିଗ୍ରାହୀ)

ଜୟପୁର ପୌରାଞ୍ଚଳର ପୁରୁଣାଗଡ଼ ସାହି ବାସିନ୍ଦା ଶୁକ୍ରବାର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଭେଟି ଜଣେ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ଜବରଦଖଲ କରି ସରକାରୀ ଜାଗାରେ ଘର ନିର୍ମାଣ କରିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ପରେ ନିର୍ବାହୀ ଅଧିକାରୀ ପଟ୍ଟନାୟକ ପୁରୁଣାଗଡ ଯାଇଥିଲେ। ସେଠାରେ ଲୋକଙ୍କ ସହ ଆଲୋଚନା କରିଥିଲେ। ସୋମବାର ଜାଗା ମାପଚୁପ କରାଯିବ ଏବଂ ବୁଧବାର ଜବରଦଖଲ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି।

## ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଚାଲିଛି ରାସ୍ତା ନିର୍ମାଣ

**ବନ ବିଭାଗର ନିର୍ଦ୍ଦେଶ ନାହିଁ**

ଚନ୍ଦ୍ରପୁର, ୨୩।୬(ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ବନଖଣ୍ଡ ମୁନିଗୁଡ଼ା ବନାଞ୍ଚଳ ଡାଙ୍ଗସରଡ଼ା ସେକ୍ସନର ଉଡ଼ଗଣ୍ଡା ସଂରକ୍ଷିତ ଜଙ୍ଗଲରେ ବନ ବିଭାଗର ବିନା ଆଦେଶରେ ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ପାଣ୍ଡରାଖାଲଠାରୁ କୁଟିଙ୍ଗଗୁଡା ପ୍ରାୟ ୮ କି.ମି. ରାସ୍ତା ନିର୍ମାଣ ଚାଲିଥିବାବେଳେ ପ୍ରାୟ ୬ କି.ମି. ରାସ୍ତା ସଂରକ୍ଷିତ ଜଙ୍ଗଲ ମଧ୍ୟ ଦେଇଯାଉଥିବା ଜଣାପଡ଼ିଛି। ଏହି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବନ୍ୟ ଜନ୍ତୁ, ହାତୀ ନିର୍ଭିଘ୍ନରେ ଚଳପ୍ରଚଳ କରିଥାନ୍ତି। ଏପରିକି ସଂରକ୍ଷିତ ଜଙ୍ଗଲରେ ହାତୀ ୱାଚ ପାଇ ବନ ବିଭାଗ ପକ୍ଷରୁ ଏକ ୱାଚ ଟାୱାର ମଧ ନିର୍ମାଣ ହୋଇଛି। ଏଥିସହ ସଂରକ୍ଷିତ ଜଙ୍ଗଲ ନିକଟରେ ବଂଶଧାରା ନଦୀ ପ୍ରବାହିତ ହୋଇଥିବାରୁ ହାତୀ ଓ ବନ୍ୟ ଜନ୍ତୁମାନେ ନଦୀକୁ ଆସି ପାଣି ପିଇବା ସହ ଜଙ୍ଗଲରେ ଚଳପ୍ରଚଳ କରନ୍ତି । ସରକାର ଏହି ସଂରକ୍ଷିତ ଜଙ୍ଗଲ ସୁରକ୍ଷା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଜୀବଜନ୍ତୁଙ୍କ ସୁରକ୍ଷା, ଜଙ୍ଗଲ ଅବକ୍ଷୟ ପାଇ ମୃତ୍ତିକା ସଂରକ୍ଷଣ, ବାଉଁଶ ଗଛର ପୁନଃ ଯୋଜନ ପାଇଁ ସିଲଭି କଲ୍‌ଚର ଅପରେଶନ କରୁଛନ୍ତି। ହେଲେ ଏହି ସଂରକ୍ଷିତ ଜଙ୍ଗଲରେ ବନ ବିଭାଗର ବିନା ଆଦେଶରେ ଠିକାଦାର କିପରି ଘଞ୍ଚ ଜଙ୍ଗଲକୁ କାଟି ରାସ୍ତା ନିର୍ମାଣ କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷେ କୋଟି କୋଟି ଟଙ୍କାର ଜଙ୍ଗଲ ସମ୍ପଦ ନଷ୍ଟ କରିବା ସହ ଜୀବଜନ୍ତୁ ପ୍ରତି ବିପଦ ସୃଷ୍ଟି ହେଉଥିଲେ ମଧ୍ୟ ବନ ବିଭାଗ କିପରି ନୀରବଦ୍ରଷ୍ଟା ସାଜିଛି ସେ ନେଇ ପ୍ରଶ୍ନ ଉଠିଛି। ବନ ବିଭାଗ କର୍ମଚାରୀ ଓ ଠିକାଦାରଙ୍କ ସଲାସୁତୁରାରେ ସଂରକ୍ଷିତ ଜଙ୍ଗଲରେ ରାସ୍ତା ନିର୍ମାଣ ଚାଲିଥିବା ଚର୍ଚ୍ଚା ହେଉଛି । ଏ ସମ୍ପର୍କରେ ଡାଙ୍ଗସୋରଡ଼ା ଫରେଷ୍ଟ ସେକ୍ସନ ଇନ୍‌ଚାର୍ଜ ଫରେଷ୍ଟର ନୀତେଶ କୁମାର ମାଝିଙ୍କୁ ପଚାରିବାରୁ ବନ ବିଭାଗ ତରଫରୁ ନିର୍ଦ୍ଦେଶ ନ ମିଳିବା ଯାଏ, ରାସ୍ତା ନିର୍ମାଣ କାମ ବନ୍ଦ କରାଯାଇଥିବା ସେ କହିଛନ୍ତି ।

## କେନ୍ଦ୍ର ଯୋଜନାର ସୁଫଳ ଲୋକଙ୍କୁ ପଚାରି ବୁଝିଲେ

**କୋଟପାଡ଼ରେ ହରିୟାଣା ସିର୍‌ସାର ଭାଜପା ଏମ୍‌ପି**

କୋଟପାଡ଼, ୨୩।୬(କେ. ରାଜଶେଖର ରାଓ)

ରାଜ୍ୟରେ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ରାଜନୀତିକ ଦଳ ବର୍ତ୍ତମାନଠାରୁ ଗ୍ରାମାଞ୍ଚଳ ଭୋଟ ହାତେଇବାକୁ ଉଦ୍ୟମ ଆରମ୍ଭ କଲେଣି। କେନ୍ଦ୍ର ସରକାର ଜନସାଧାରଣଙ୍କ ସକାଶେ ଯେଉଁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ସେଗୁଡିକର ସୁଫଳ ଠିକ୍‌ରୂପେ ଲୋକଙ୍କ ନିକଟରେ ପହଞ୍ଚିଛି କି ନାହିଁ ପରଖିବାକୁ କେନ୍ଦ୍ରର ଭାଜପା ସରକାର ପ୍ରସ୍ତୁତି ଆରମ୍ଭ କରିଛି। ବିଭିନ୍ନ ସମୟରେ କେନ୍ଦ୍ରରୁ ମନ୍ତ୍ରୀ ଓ ଏମ୍‌ପିମାନେ ଓଡ଼ିଶା ଗସ୍ତକରି ସେମାନଙ୍କ ଆଭିମୁଖ୍ୟ ଜନସାଧାରଣଙ୍କ ପାଖରେ ରଖୁଛନ୍ତି। ଏହି କ୍ରମରେ ଗୁରୁବାର କୋରାପୁଟ ଜିଲାର କୋଟପାଡ଼ ବିଧାନସଭା ଅଞ୍ଚଳରେ ହରିୟାଣା ସିର୍‌ସାର ଭାଜପା ଏମ୍‌ପି ସୁନିତା ଦୁଗ୍ଗାଲ ପହଞ୍ଚି କାର୍ଯ୍ୟକ୍ରମ କରିଛନ୍ତି। ସମର୍ଥକମାନଙ୍କ ସହିତ ବ୍ଲକର ବିଭିନ୍ନ ପଞ୍ଚାୟତର ଗ୍ରାମାଞ୍ଚଳରେ କେନ୍ଦ୍ର ସରକାରଙ୍କ ୯ ବର୍ଷ ଶାସନ ଯେଉଁସବୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେଥିରୁ ଫାଇଦା ଗ୍ରାମାଞ୍ଚଳର ଲୋକେ କିଭଳି ପାଇଛନ୍ତି ତାହା ଲୋକଙ୍କୁ ପଚାରି ବୁଝିଛନ୍ତି। ସେଭଳି କେନ୍ଦ୍ର ସରକାରଙ୍କ ମାଗଣା ଚାଉଳ, ଭତ୍ତା ଓ ଉଜ୍ଜ୍ୱଳା ଯୋଜନା ଜିଲା ପ୍ରଶାସନ କିପରି ପରିଚାଳନା କରୁଛି ତାହା ସେ ଦଳୀୟ କର୍ମୀମାନଙ୍କ ସହିତ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିଲେ। ଏହି ଅବସରରେ କେନ୍ଦ୍ରର ଆୟୁଷ୍ମାନ ଯୋଜନା ରାଜ୍ୟରେ ଲାଗୁ ହେଲେ ଗରିବ ଲୋକମାନେ ଆବଶ୍ୟକ ସମୟରେ ୫ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମାଗଣାରେ ପାଇପାରିବେ। ମାତ୍ର ଏହି ଯୋଜନା ରାଜ୍ୟ ସରକାର ରାଜ୍ୟରେ ଲାଗୁ କରୁ ନ ଥିବାରୁ ଗରିବ ଲୋକମାନେ ଅସୁବିଧର ସମ୍ମୁଖୀନ ହେଉଛନ୍ତି। କାହିଁକି ଏହି ଯୋଜନା ରାଜ୍ୟରେ ଲାଗୁ ହେଉନାହିଁ ବୋଲି ଏମ୍‌ପି ଦୁଗ୍ଗାଲ ରାଜ୍ୟ ସରକାରଙ୍କ ପ୍ରତି ପ୍ରଶ୍ନ ଉଠାଇଥିଲେ। ଏହି ଅବସରରେ ସେ ସିଟିଜେନ୍ କମିଟି କର୍ମକର୍ତ୍ତାଙ୍କ ସହ କିଛି ସମୟ ଆଲୋଚନା କରିଥିଲେ। ପରେ ସେ ବାଘାଆମ୍ବା, ଗୁଳିଗୁଡା, କୁନ୍ଦୁରା ବ୍ଲକ ଅଞ୍ଚଳରେ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ। ଏମ୍‌ପି ଦୁଗ୍ଗାଲଙ୍କ ଗସ୍ତ ବେଳେ କୋଟପାଡ଼ ଭାଜପାର ରାମେଶ୍ୱର ଜେନା, ସୁନୀଲ ତ୍ରିପାଠୀ, ରୁପୁ ଭତରା, ଖଗେଶ୍ୱର ପୂଜାରୀ, ବୈଦ୍ୟନାଥ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



କୋଟପାଡ଼ କାର୍ଯ୍ୟକ୍ରମରେ ଏମ୍‌ପି ଦୁଗ୍ଗାଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ସଂକ୍ଷେପରେ

### ଚାଷୀଙ୍କୁ ଧାନ ବିହନ ବଣ୍ଟନ




ମାଥିଲି, ୨୩।୬(ସୁବାସ ଚନ୍ଦ୍ର ଖୁଡ଼ୁପିଆ) ମାଲକାନଗିରି ଜିଲା ମାଥିଲି ମିନି ବ୍ୟାଙ୍କରେ ଶୁକ୍ରବାର ବିହନ ବଣ୍ଟନ ଶୁଭାରମ୍ଭ କରିଛନ୍ତି ଏମ୍‌ଡି ସନ୍ତୋଷିନୀ ପରିଡ଼ା। କେସିସି ବ୍ୟାଙ୍କ ପରିଚାଳକ ବିଦ୍ୟାଧର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଚାଷୀଙ୍କୁ ସୁରୁଖୁରୁରେ ଧାନ ଏବଂ ସାର ବଣ୍ଟନ କରାଯାଇଛି। ପ୍ରତ୍ୟେକ ଦିନ ଚାଷୀ ଯେପରି ଧାନ ନେଇପାରିବେ ସେ ନେଇ ୨ଜଣ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଉପଲକ୍ଷେ ୨୭ଲକ୍ଷ ଋଣ ବଣ୍ଟନ କରାଯାଇଛି। ଲୋକେ ଋଣ ନ ପାଇ ଆନ୍ଧ୍ର ଋଣ କରି ଅସୁବିଧାର ସମ୍ମୁଖୀନ ହେଉଥିଲେ। କିନ୍ତୁ କେସିସି ବ୍ୟାଙ୍କ ଋଣ ଦେବା ପରେ ଆନ୍ଧ୍ର ଋଣରୁ ମୁକ୍ତି ମିଳିଥିବା ଚାଷୀ କହିଛନ୍ତି।

### ପଣସପୁଟରେ ଋଣ ଆଦାୟ ମେଳା

ଖଇରପୁଟ, ୨୩।୬(ଟୁଟୁ ସେଠୀ) କୁଡୁମୁଲୁଗୁମ୍ମା ଲ୍ୟାମ୍ପ୍‌ସ ପକ୍ଷରୁ ସ୍ୱାଭିମାନ ଅଞ୍ଚଳର ପଣସପୁଟରେ ଏକ ଋଣ ଆଦାୟ ମେଳା କରାଯାଇଛି। କାର୍ଯ୍ୟକ୍ରମରେ ପଣସପୁଟ ସରପଞ୍ଚ ଅର୍ଜୁନ ହନ୍ତାଳ, କୁଡୁମୁଲୁଗୁମ୍ମା ଲ୍ୟାମ୍ପ୍‌ସ ସଭାପତି ଗୋପୀ ପାଙ୍ଗୀ, ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାଉତ, ଲ୍ୟାମ୍ପ୍‌ସ ଡାଇରେକ୍ଟର ଭଗବାନ ସାହୁ, ହରି ମାଢ଼ୀ, ଲ୍ୟାମ୍ପ୍‌ସ ସମିତି କର୍ମଚାରୀ ଅଶୋକ ସାହୁ ଓ ସାଧୁରାମ ଖିଲ ପ୍ରମୁଖ ଯୋଗଦେଇଥିଲେ। ଏହି ଋଣ ଆଦାୟ ମେଳାରେ ପଣସପୁଟ ଓ ଏହାର ଆଖପାଖ ଅଞ୍ଚଳର ପାଖାପାଖି ୧୦୦ ଚାଷୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପଣସପୁଟ ଅଞ୍ଚଳକୁ ଏକ ନୂତନ ଲ୍ୟାମ୍ପ୍‌ସର ମାନ୍ୟତା ମିଳିବ। ଏଥି ନିମନ୍ତେ ଆବଶ୍ୟକ ହେଉଥିବା ଜାଗା ଚିହ୍ନଟ ସମ୍ବନ୍ଧରେ ଚିତ୍ରକୋଣ୍ଡା ତହସିଲଦାରଙ୍କୁ ପତ୍ର ମାଧମରେ ଅବଗତ କରାଯାଇଛି। ଏହା କାର୍ଯ୍ୟକାରୀ ହେଲେ ସ୍ୱାଭିମାନ ଅଞ୍ଚଳବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର ହେବ ବୋଲି ଲ୍ୟାମ୍ପ୍‌ସ ପରିଚାଳକ କହିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଘୋଷଣା ପ୍ରକାରେ ଚାଷୀମାନଙ୍କ ଋଣ ପ୍ରଦାନରେ କୌଣସି ସୁଧ ନିଆଯାଉ ନ ଥିବାରୁ ଏହା ପରିଶୋଧ କରିବା ପାଇଁ ବହୁ ଚାଷୀ ଆଗ୍ରହ ପ୍ରକାଶ କରିଥିଲେ। ଏହି ମେଳାରେ ୩୦ରୁ ଊର୍ଦ୍ଧ୍ୱ ଚାଷୀ ସେମାନଙ୍କ ଋଣ ବାବଦକୁ ପାଖାପାଖି ୭ ଲକ୍ଷ ଟଙ୍କା ଚାଷ ଋଣ ପରିଶୋଧ କରିଥିବା ଜଣାପଡିଛି।

### ଏମ୍‌ଡିଆର୍-୫୫ ରାସ୍ତାରେ ବିରାଟ ଗର୍ତ୍ତ

ନନ୍ଦପୁର, ୨୩।୬ (ଶଙ୍କର ପୂଜାରୀ)- ଅସରାଏ ବର୍ଷା ଓ ରାସ୍ତାରେ ବର୍ଷା ଜଳ ଜମି ପୂର୍ତ୍ତ ବିଭାଗ ଅଧୀନରେ ଥିବା ନନ୍ଦପୁର-ସେମିଳିଗୁଡା ଏମ୍‌ଡିଆର୍-୫୫ ରାସ୍ତାରେ ଥିବା କଲଭର୍ଟଠାରେ ଏକ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ଏହି କଲଭର୍ଟଟି ନନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ରହିଛି। ଦୀର୍ଘ ଦିନ ଧରି ଗର୍ତ୍ତ ସଷ୍ଟି ହୋଇଥିଲେ ମଧ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡିନାହିଁ। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ ବେଳେ ଜନସାଧାରଣ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ସାଧାରଣରେ



ଅସନ୍ତୋଷ ପ୍ରକାଶ ପଇଛି। ଆଗକୁ ପ୍ରବଳ ବର୍ଷାହେବାକୁ ଥିବାରୁ ତୁରନ୍ତ ଏହି ଗର୍ତ୍ତ ପୋତିବାକୁ ଦାବି ହେଉଛି।

### ଗଞ୍ଜେଇ ଚାଲାଣବେଳେ ଚଢ଼ାଉ, ୩ ଗିରଫ

ଜୟପୁର, ୨୩।୬(ପବନ ପାଣିଗ୍ରାହୀ) ଗଞ୍ଜେଇ ଚାଲାଣବେଳେ ଜୟପୁର ସଦର ପୋଲିସ ଚଢ଼ାଉକରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭବାନିପାଟଣାର ରାଜେଶ ପଣ୍ଡା (୪୦), ପରମେଶ୍ୱର ମେହେର (୪୪) ଓ ମାଛକୁଣ୍ଡର ମଙ୍ଗଳ ମାଣ୍ଡି (୫୦)। ପୋଲିସ ସୂଚନାନୁଯାୟୀ ଜୟପୁର ସଦର ପୋଲିସ ଜାତୀୟ ରାଜପଥର ଡଙ୍ଗରଚିଞ୍ଚିରେ ପାଟ୍ରୋଲିଂ କରୁଥିବାବେଳେ ଗଞ୍ଜେଇ ଚାଲାଣ ଖବରପାଇ ଏକ ସ୍କୁଟିକୁ ଯାଞ୍ଚ କରିଥିଲା। ଗାଡ଼ିରୁ ୩୨ କେଜି ଗଞ୍ଜେଇ ମିଳିବା ପରେ ପୋଲିସ ସ୍କୁଟିକୁ ଜବତ କରିଛି। ମାଛକୁଣ୍ଡର ମଙ୍ଗଳ ମାଣ୍ଡି ଗଞ୍ଜେଇ ଯୋଗାଉ ଥିବାବେଳେ ରାଜେଶ ଓ ପରମେଶ୍ୱର ତାହକୁ ଚାଲାଣ କରୁଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିବା ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ପୁଣି ୧୭ ଜଣଙ୍କ ପଟ୍ଟା ରଦ୍ଦ କଲା ପ୍ରଶାସନ

**କାଳିମେଳା ତହସିଲ ଜମି ଦୁର୍ନୀତି ମାମଲା**

ମାଲକାନଗିର, ୨୩।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲମେଳା ତହସିଲ ଜମି ଦୁର୍ନୀତି ମାମଲାର ତଦନ୍ତ ପରେ ପୁଣି ୧୭ ଜଣଙ୍କ ପଟ୍ଟା ଜିଲା ପ୍ରଶାସନ ରଦ୍ଦ କରିଛି। ତା୨୮।୭୨୦୨୧ରେ ମିସ୍‌କେସ୍ ମାଧମରେ ୧୦ ଜଣଙ୍କ ପଟ୍ଟା ପ୍ରଶାସନ ରଦ୍ଦ କରିଥିଲେ। ଏହି ୧୦ଟି ପଟ୍ଟାରେ ୧୨ଟି ପ୍ଲଟ ରହିଥିଲା। ସେହିପରି ଗତ ଅକ୍ଟୋବର ୨୦୨୨ରେ ମଧ ୩୯ ଜଣଙ୍କ ପଟ୍ଟା ରଦ୍ଦ ହୋଇଥିଲଶ। ଏବେ ରଦ୍ଦ ହୋଇଥିବା ପଟ୍ଟାର ହିତାଧିକାରୀମାନେ ହେଲେ ସୁଧୀର ସ୍ୱାଇଁ, ରୁଦ୍ର ପାତ୍ର, ରେଣୁବାଳା ସ୍ୱାଇଁ, ଶୁଭଶ୍ରୀ ସ୍ୱାଇଁ, ମୁରଲି ନାଗ, ନୀଳ ନାଗ, ରେଣୁକା ପତି, ଏମ୍‌ଡି ଆଜମିର୍, ସୁଦିପ୍ତ ବେହେରା, ଆରତୀ ପ୍ରଧାନ, ବିନୋଦ ସାହୁ, ବି. ମହେଶ, ବି. ହେବାବତୀ, ବି. ବାରାଲକ୍ଷ୍ମୀ, ବି. କାନ୍ତାମା, ବି.ପୁଷ୍ପା (୧) ଓ ବି. ପୁଷ୍ପା (୨) ବୋଲି ତହସିଲ ପକ୍ଷରୁ କୁହାଯାଇଛି। ଗତ ୧୮।୧୧।୨୦୨୦ରେ କାଳିମେଳା ସହରର ୧୮ ଜଣ କରିଥିବା ସରକାରୀ ଜମି ଜବରଦଖଲକୁ ଦୁର୍ନୀତି କରି ସେମାନଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ଏନେଇ ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କ ସମେତ ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ତଦନ୍ତ ପରେ ଏହି ଜମି ଦୁର୍ନୀତିରେ ଲିପ୍ତ ଥିବା କାଳିମେଳା ସର୍କଲର ରାଜସ୍ୱ ନିରୀକ୍ଷକ ସୁରେଶ ପୂଜାରୀ ଏବଂ ଏନକ୍ରୋଚମେଣ୍ଟ ବିଭାଗର କିରାଣି ଦିବ୍ୟସିଂହ ପାଇକରାୟଙ୍କୁ ଗତ ୨୩।୧ ୨୦୨୧ରେ ଚାକିରିରୁ ନିଲମ୍ବିତ କରାଯାଇଥିଲା। ପରେ ବ୍ରହ୍ମପୁର ଆର୍‌ଡିସିଙ୍କ ଚିଠି ନଂ. ୫୨୩, ୯।୩।୨୧ ଅନୁଯାୟୀ ମାଲକାନଗିରି ଉପଜିଲାପାଳଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ଏହାର ଖୋଲତାଡ ଆରମ୍ଭ କରିଥିଲେ। ଏହାର ୨ମାସ ପରେ ୬।୫।୨୦୨୧ରେ ତହସିଲଦାର ଆଲୋକ ଅନୁଗୁଳିଆଙ୍କୁ ଡେପୁଟି କଲେକ୍ଟର ଭାବେ କୋରାପୁଟକୁ ବଦଳି କରାଯାଇଥିଲା। ବଦଳିର କିଛିଦିନ ପରେ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ଉକ୍ତ ୫ ଜଣିଆ ଟିମ୍‌ର ଖୋଲତାଡ ପରେ ରଦ୍ଦ ହୋଇଥିବା ଏହି ୧୭ ପଟ୍ଟା କୌଣସି ପଦାଧିକାରୀ କିମ୍ବା କୌଣସି ଲୋକ ପ୍ରତିନିଧିଙ୍କ ଅଜାଣତରେ ବଣ୍ଟନ କରାଯାଇଥିଲା। ଏଥିରେ ବଡ ଠିକାଦାର, କ୍ରସର ମାଲିକ, ଘରୋଇ ବସ୍ ମାଲିକ, ପ୍ରତିଷ୍ଠିତ ବ୍ୟବସାୟୀ, ପେଟ୍ରୋଲ ଓ ଡିଜେଲ ପମ୍ପ ମାଲିକ, ରାଜନେତା, ଚାକିରିଆ ପରିବାର ବିଦ୍ୟାର୍ଥୀ, ଗୋଟିଏ ପରିବାରର ଦୁଇରୁ ଅଧିକ ଲୋକ ଥିବା ଜଣାପଡିଛି। ସେମାନଙ୍କୁ ମିଥ୍ୟା ସତ୍ୟପାଠରେ ପଟ୍ଟା ପ୍ରଦାନ କରାଯାଇଥିଲା। କାଳିମେଳା ପଞ୍ଚାୟତର ସାପ୍ତାହିକ ହାଟ ସ୍ଥଳ, ଓଡିଶା ଯବାନ ପାଇଁ ସଂରକ୍ଷିତ ଜମି, ସ୍ୱାସ୍ଥ୍ୟ ବିଭାଗ ଦଖଲ ଜମି, ପଞ୍ଚାୟତ ପାଇଁ ସଂରକ୍ଷିତ ଜମି, ବନ ବିଭାଗର ଭୈରବୀ ପାହାଡ ଭଳି ଜମିକୁ ହସ୍ତାନ୍ତର କରା ଯାଇଥିଲା। ଏଥିରୁ କେତେକ ପ୍ଲଟ ୩୨୬ ନଂ. ଜାତୀୟ ରାଜପଥ କଡରେ ଥିବା ଜଣାପଡଛି। ସୂଚନାଯୋଗ୍ୟ, ମାଲକାନଗିରି ଜିଲାର ବହୁ ଚର୍ଚ୍ଚିତ ଏହି ଜମି ଦୁର୍ନୀତିରେ ବର୍ତ୍ତମାନ ସୁଦ୍ଧା ମୋଟ ୬୬ଟି ପଟ୍ଟା ପ୍ରଶାସନ ରଦ୍ଦ କରି ପୁଣି ସରକାରୀ ଖାତାକୁ ଆଣିବାରେ ସକ୍ଷମ ହୋଇଛି।



ନବରଙ୍ଗପୁର ଜିଲା ଖାତିଗୁଡ଼ାରେ ଶ୍ରୀଜୀଉମାନଙ୍କ ବରାହ ଅବତାର ବେଶ।

# କେନ୍ଦ୍ରର ଯୋଜନା ନେଇ ହିତାଧିକାରୀଙ୍କ ସହ ଆଲୋଚନା



ଲାଭାର୍ଥୀଙ୍କ ସହ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂ ଓ ଅନ୍ୟମାନେ।

**କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ନବରଙ୍ଗପୁର ଗସ୍ତ**

ନବରଙ୍ଗପୁର, ୨୩।୬(ସଦାଶିବ ପ୍ରହରାଜ)

କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂ ଗୁରୁବାରରୁ ୨ଦିନିଆ ନବରଙ୍ଗପୁର ଗସ୍ତ କରିଛନ୍ତି। ଗସ୍ତର ଦ୍ୱିତୀୟ ଦିନରେ କେନ୍ଦ୍ର ମନ୍ତ୍ରୀ ଶୁକ୍ରବାର ସକାଳ ୧୦ଟାରେ ସ୍ଥାନୀୟ ରୋକିଷାନ ହୋଟେଲରେ ଡ଼ଃ ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେ ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଏହା ପରେ ସ୍ଥାନୀୟ ସାଇ କଲ୍ୟାଣୀ ମଣ୍ଡପରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଲାଭାର୍ଥୀଙ୍କ ସହ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିଲେ। ସେଠାରେ ମନ୍ତ୍ରୀ ସିଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ଉପକୃତ ହିତାଧିକାରୀଙ୍କ ସହ ସିଧାସଳଖ ବାର୍ତ୍ତାଳାପ କରିଥିଲେ। ପ୍ରକୃତରେ ପାନୀୟ ଜଳ, ବିଜୁଳି, ଆବାସ ଘର ପାଇଛନ୍ତି କି ନାହିଁ ସେ ସମ୍ପର୍କରେ ସିଧା ସଳଖ ଜଣ ଜଣ ହିତାଧିକାରୀଙ୍କୁ ପଚାରି ବୁଝିଥିଲେ। ସନ୍ଧ୍ୟା ସମୟରେ ସହର ବରିଷ୍ଠ ବ୍ୟବସାୟୀ ଓ ବୁଦ୍ଧିଜୀବୀଙ୍କ ସହ ବିଭିନ୍ନ ବିଷୟ ନେଇ ସ୍ଥାନୀୟ ରୋକିଶାନ ପ୍ରିମିୟମରେ ଏକ ଆୟୋଜିତ ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଷୟ ନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ନବରଙ୍ଗପୁର ଜିଲା ଭାଜପା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ବରିଷ୍ଠ ଭାଜପା ନେତା ଖାଡ଼େଶ୍ୱର ଖଡଙ୍ଗା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝି, କାଉନ୍‌ସିଲର ଏ.ସତିଶ, ଶର୍ମିଷ୍ଠା ଦେଓ, କାଉନସିଲର ସମେଶ ଖୋରା, ଅମିତ୍ ପ୍ରଧାନ, ନବରଙ୍ଗପୁର ନଗର ମଣ୍ଡଳ ଭାଜପା ସଭାପତି ଶ୍ରୀଧର ପାତ୍ର, କାହ୍ନୁ ଦାସ, ଲିଲୁ ମିଶ୍ର, ଶୁଭମ୍ ଚୌଧୁରୀଙ୍କ ସମେତ ବୁଦ୍ଧିଜୀବୀ ଏବଂ ବ୍ୟବସାୟୀ ଯୋଗ ଦେଇଥିଲେ। ପ୍ରକାଶ ଯେ, କେନ୍ଦ୍ର ମନ୍ତ୍ରୀ ଗୁରୁବାର ନବରଙ୍ଗପୁରରେ ପହଞ୍ଚି ଥିଲେ। ସେ ସନ୍ଧ୍ୟାରେ ସ୍ଥାନୀୟ ସର୍କିଟ ହାଉସରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମୀକ୍ଷା କରିଥିଲେ। ଏହି ସମୟରେ ଅଧିକାରୀଙ୍କୁ ପଚାରିଥିବା ବିଭନ୍ନ ପ୍ରଶ୍ନର ଠିକ୍ ଉତ୍ତର ନ ପାଇବାରୁ ସେ ବୈଠକ ଅଧାରୁ ବାତିଲ କରିଥିଲେ।

## ବ୍ଲକସ୍ତରୀୟ ସାମାଜିକ ଜନଶୁଣାଣି

କୋରୁକୋଣ୍ଡା/ବାଲିମେଳା, ୨୩।୬ (ଅବିନାଶ ବେହେରା/ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ୨୦୨୨-୨୩ ଆର୍ଥିକ ବର୍ଷର ୧।୧୦।୨୦୨୨ଠାରୁ ୩୦।୩।୨୦୨୩ ପର୍ଯ୍ୟନ୍ତ ପଞ୍ଚାୟତ ସମିତି ଅଧୀନରେ ଥିବା ୧୨ଟି ପଞ୍ଚାୟତରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହୋଇଥିବା ସମସ୍ତ କାର୍ଯ୍ୟ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟଗୁଡିକୁ ଉପସ୍ଥିତ ଅଧିକାରୀମାନେ ସମୀକ୍ଷା କରିଥିଲେ। ଅଭିଯୋଗ ଆସିଥିବା କାର୍ଯ୍ୟଗୁଡିକୁ ସୂଚାରୁ ରୂପେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣିରେ ମୋଟ ୩୮୮ଟି କାର୍ଯ୍ୟ ରହିଥିବା ବେଳେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହୋଇଥିବା କାର୍ଯ୍ୟରୁ ୪୩ଟି କାର୍ଯ୍ୟର ଅଭିଯୋଗ ଆସିଥିଲା। ଏହି ଯୋଜନା ଅନ୍ତର୍ଭୁକ୍ତ କାର୍ଯ୍ୟଗୁଡିକରେ ସୂଚନା ଫଳକ ଲଗାଯାଉ ନ ଥିବା ଅଭିଯୋଗ ଆସିଥିଲା। ପୂର୍ବ ଜନଶୁଣାଣିରେ ମଧ ସମାନ ଅଭିଯୋଗ ଆସିଥିଲା। ଜଣଶୁଣାଣି ଶିବରକୁ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସତ୍ୟନାରାୟଣ ଦାସ ପରିଚାଳନା କରିଥିଲେ। କୋରୁକୋଣ୍ଡା ବିଡିଓ ବେଦବ୍ୟାସ ଭୋଇ, ଜିଲା ସାମାଜିକ ସମୀକ୍ଷକ ସୁବ୍ରତ ସାମଲ, ପଞ୍ଚାୟତ ସମିତି ଅଧକ୍ଷ ଜିତୁ ବୁରୁଡି, ମାଲକାନଗିରି ବିଧାୟକ ପ୍ରତିନିଧି ଏସ.ମହେଶ୍ୱର ରାଓ,ଏଇ ସୁକାନ୍ତ ସାଇଁ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ସମୀକ୍ଷା



କରିଥିଲେ। ସାମାଜିକ ସମୀକ୍ଷକ ରାକେଶ ଚନ୍ଦ୍ର ଦାସ ଶୁଣାଣି ବେଳେ ଅଭିଯୋଗଗୁଡିକ ଉପସ୍ଥାନ କରିଥିଲେ। ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ୨ ଶ୍ରମଜୀବୀ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର



ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ମାଲକାନଗିରି, ୨୩।୬(ଦୁର୍ଯ୍ୟୋଧନ ପାତ୍ର)

ମହିଳା ଶ୍ରମଜୀବୀ ମଞ୍ଚ ସଙ୍ଗଠନ ଓ ଓଡିଶା ଶ୍ରମଜୀବୀ ମଞ୍ଚ ମାଲକାନଗିରି ଜିଲା ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବି ପତ୍ରରେ ଉଲ୍ଲେଖ ରହିଛି ଯେ, ସମସ୍ତ ପରିବାରକୁ ବିଶୁଦ୍ଧ ପନୀୟ ଜଳ ଯୋଗାଇ ଦେବା, ଗ୍ରାମ ଓ ସହରାଞ୍ଚଳରେ ଅଚଳ ହୋଇ ପଡିଥିବା ସମସ୍ତ ପାନୀୟ ଜଳ ଉତ୍ସଗୁଡିକୁ ମରାମତି କରିବା, ସମସ୍ତ ଯୋଗ୍ୟ ଗରିବ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କା ଗୃହ ଯୋଗାଇ ଦେବା, ଏଥିରୁ ବାଦ ପଡିଥିବା ପରିବାରକୁ ତୁରନ୍ତ ସାମିଲ କରିବା, ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବା, ଭତ୍ତା ପାଇ ନ ଥିବା ବୃଦ୍ଧା ବୃଦ୍ଧ ଏବଂ ଦିବ୍ୟାଙ୍ଗମାନଙ୍କୁ ଭତା ପ୍ରଦାନ କରିବା, ଭତ୍ତା ମାସକୁ ୨ହଜାର ଟଙ୍କା ଧାର୍ଯ୍ୟ କରିବା, ସମସ୍ତ ଚାଷ ଜମିକୁ ଜଳ ସେଚନ, ସମସ୍ତ ଚେକ ଡ୍ୟାମ, କେନାଲ, ଉଠାଜଳସେଚନ ପଏଣ୍ଟଗୁଡିକର ଯାଞ୍ଚ ସହ ମରାମତି କରିବା ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସଙ୍ଗଠନର ସଭାପତି ସୁକ୍ରା ଗୁରୁତେଲି, ସମ୍ପାଦକ ଗୋବର୍ଦ୍ଧନ ପାଙ୍ଗି, ରାମ ବଡନାୟକ, ଏରା ପଡିଆମି, ଏରେ କବାସୀ, ରାଜୁ କବାସୀଙ୍କ ସହ ଶତାଧିକ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

## 'କେନ୍ଦ୍ର, ରାଜ୍ୟ ସରକାର କୃଷକଙ୍କୁ ଅବହେଳା କରୁଛନ୍ତି'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ରାଜ୍ୟ କଂଗ୍ରେସ କିଷାନ ମୋର୍ଚ୍ଚା ସଭାପତିଙ୍କ ମାଲକାନଗିରି ଜିଲା ଗସ୍ତ**

ମାଲକାନଗିର, ୨୩।୬(ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟ କଂଗ୍ରେସ ଦଳର କିଷାନ ମୋର୍ଚ୍ଚା ରାଜ୍ୟ ସଭାପତି ଅମୀୟ ପଟ୍ଟନାୟକ ଶୁକ୍ରବାର ଦିନିକିଆ ମାଲକାନଗିରି ଗସ୍ତରେ ଆସିଛନ୍ତି। କଂଗ୍ରେସ ଦଳ ପକ୍ଷରୁ ତାଙ୍କୁ ଏକ ଶୋଭାଯାତ୍ରାରେ ସ୍ଥାନୀୟ ନଗର ଭବନ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ସେଠାରେ ଅନୁଷ୍ଠିତ ଏକ ବୈଠକରେ ପଟ୍ଟନାୟକ ଯୋଗଦେଇ ମାଲକାନଗିରି ଜିଲାରେ କୃଷକମାନଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ବିଜେଡି ସରକାର ଅବହେଳା କରୁଥିବା ସେ ଅଭିଯେଗ କରିଥିଲେ। ସମସ୍ତ କୃଷକମାନଙ୍କ ଜମିକୁ ଜଳସେଚନ ସୁବିଧା, ଛୋଟ ଓ ବଡ ଚାଷୀମାନଙ୍କ ଉତ୍ପାଦିତ ସାମଗ୍ରୀ ମଣ୍ଡିରେ ବିକ୍ରି କରି ଉପଯୁକ୍ତ ପ୍ରାପ୍ୟ ଠିକ୍‌ସମୟରେ ପ୍ରଦାନ କରିବା, ଦଲାଲ ପ୍ରଥା ଉଚ୍ଛେଦ କରିବା, କୃଷକମାନଙ୍କୁ ବିନା ସୁଧରେ ଋଣ ଦେବା ନେଇ ସେ ଦାବି କରଥିଲେ। ଜିଲା କିଷାନ ମୋର୍ଚ୍ଚ ସଭାପତି ମଙ୍ଗୁ ଖିଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଳର ଜିଲା ସଭାପତି ଗୋବିନ୍ଦ ପାତ୍ର, ଅନୁସୂଚିତ ଜାତି ଓ ଜନଜାତି ସେଲ୍ ସଭାପତି ତଥା ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି, କାଳିମେଳାର ପୂର୍ବତନ ବ୍ଲକ ଅଧକ୍ଷ ମାଳା ମାଡି, ମାଲକାନଗିରି ପୌର ପରିଷଦ ସଭାପତି ଜି. ଶ୍ରୀନିବାସ ରାଓ, ଜିଲା ଉପସଭାପତି ଭିମା ବାର୍ସେ, ଜିଲା ଅନୁସୂଚିତ ଜାତି ଓ ଜନଜାତି ସେଲ୍ ସଭାପତି ଇର୍ମା ପଡିଆମି ଏହି ଅବସରରେ ନିଜ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ୨ଶହରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ମାଲକାନଗିରି, ୨୩।୬ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ସରକାରୀ ଆଉଟ ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ସେମାନଙ୍କ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଜିଲାପାଳଙ୍କୁ ଏକ



ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଦାବିପତ୍ର ଦେଉଛନ୍ତି।

ଦାବିପତ୍ର ପ୍ରଦାନ କରାଯାଇଛି। ଆଉଟ ସୋର୍ସିଂ କର୍ମଚାରୀମାନେ ବହୁ ବର୍ଷ ଧରି ନିଜ କାର୍ଯ୍ୟ ସୂଚାରୁରୂପେ ତୁଲାଇ ଆସିଥିଲେ ସୁଦ୍ଧା ଏଯାଏ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଇନାହିଁ। ଫଳରେ ଏହି କର୍ମଚାରୀମାନେ ପାଉଥିବା କମ ଦରମାରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ସରକାର ଆଉଟ ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରିବା, ଗ୍ରୁପ୍ ବି କର୍ମଚାରୀଙ୍କୁ ମାସିକ ୪୦ ହଜାର, ଗ୍ରୁପ ସି କର୍ମଚାରୀଙ୍କୁ ୩୦ ହଜାର ଓ ଗ୍ରୁପ୍ ଡି କର୍ମଚାରୀଙ୍କୁ ୨୧ ହଜାର ଟଙ୍କା ଦରମା ଦେବା, ଏହି ଦରମା କର୍ମଚାରୀମାନେ କାର୍ଯ୍ୟ କରୁଥିବା ସମ୍ପୃକ୍ତ ବିଭାଗ ଜରିଆରେ ଦେବା, ବିଭିନ୍ନ ବିଭାଗରୁ ବାହାରଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେବ, ପ୍ରତିବର୍ଷ ମୂଳ ଦରମାର ୧୦ ପ୍ରତିଶତ ବର୍ଦ୍ଧିତ ଦରମା ଦେବା, କାର୍ଯ୍ୟରତ ସମୟରେ ଦୁର୍ଘଟଣାରେ କର୍ମଚରୀଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଓ ଅକର୍ମଣ୍ୟ ହେଲେ ତାଙ୍କୁ ୬ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ଅର୍ଥ ପ୍ରଦାନ କରିବ ଆଦି ଦାବି ଦାବିପତ୍ରରେ ଉଲ୍ଲେଖ ରହିଛି।

# କଂଗ୍ରେସର ଆନ୍ଦୋଳନ ଚେତାବନୀ

**ବିଭିନ୍ନ ସମସ୍ୟାର ସମାଧାନ ନେଇ ଜିଲାପାଳଙ୍କୁ ଦାବିପତ୍ର**

ମାଲକାନଗିର, ୨୩।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ବିଭିନ୍ନ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ପଇଁ ଶୁକ୍ରବାର ଜିଲା କଂଗ୍ରେସ କମିଟି ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛି। ଦାବିଗୁଡିକ ମଧରେ ମାଲକାନଗିରି ଜିଲାରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ କରିବା, ଡାକ୍ତରଖାନାକୁ ସମସ୍ତ ଚିକିତ୍ସା ଉପକରଣ ଯୋଗାଇଦେବା, ଜିଲା ସଦର ମହକୁମାରେ ବିଇଡି ୫ବର୍ଷ ହେଲା ନିର୍ମାଣ ହୋଇ ଏଯାଏ କାର୍ଯ୍ୟକ୍ଷମ ହୋଇ ନ ଥିବା ବିଇଡି କଲେଜକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଏବେ ରାଜ୍ୟଭିତ୍ତିକ ହୋଇଯାଇଥିବା ଜିଲାର ନିଯୁକ୍ତି ବ୍ୟବସ୍ଥାକୁ ବନ୍ଦ କରି ଜିଲାରେ ପୂର୍ବରୁ ପ୍ରଚଳିତ ଥିବା ଜିଲାଭିତ୍ତିକ ନିଯୁକ୍ତି ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ଜିଲାର ବିଦ୍ୟୁତ୍ ଅବ୍ୟବସ୍ଥା ଦୂର କରି ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିଗୁଡିକ ପ୍ରତି ଗୁରୁତ୍ୱ ଦେଇ ଆସନ୍ତା ୧୦ ତାରିଖ ସୁଦ୍ଧା ପଦକ୍ଷେପ ନ ନେଲେ ଜିଲା କଂଗ୍ରେସ କମିଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଜିଲା ସଭାପତି ଗୋବିନ୍ଦ ପାତ୍ର, ସମ୍ପାଦକ ପଦ୍ମ ପାଙ୍ଗି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଣକୃଷ୍ଣ ମଣ୍ଡଳ, ଜି. ଶ୍ରୀନିବାସ ରାଓ, ପି. କେଶୁ ରାଓଙ୍କ ସହ ଦଳର କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ।



କଂଗ୍ରେସ କର୍ମକର୍ତ୍ତାମାନେ ଦାବିପତ୍ର ଦେଉଛନ୍ତି।

# ବିଧାୟକ, ଏମ୍‌ପି, ଗୋଇନ୍ଦାକୁ ଦାୟୀ କଲା କଂଗ୍ରେସ

**ଭାରପ୍ରାପ୍ତ ଉପଜିଲାପାଳଙ୍କ ଘରେ ଭିଜିଲାନ୍ସ ଚଢ଼ାଉ, ମିଳିଲା କୋଟି କୋଟି ଟଙ୍କା**

ନବରଙ୍ଗପୁର, ୨୩।୬(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଭାରପ୍ରାପ୍ତ ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତଙ୍କ ଘରୁ କୋଟି କୋଟି ଟଙ୍କା ଭିଜିଲାନ୍ସ ଜବତ କରିବା ପରେ ଜିଲା କଂଗ୍ରେସ ଏକ ଖବରଦାତା ସମ୍ମିଳନୀ କରିଛି। ଭାରପ୍ରାପ୍ତ ଜିଲାପାଳଙ୍କ ଏତେ ସବୁ କଳା କାରନାମା ଜିଲାପାଳ, ଗୋଇନ୍ଦା ବିଭାଗ ଓ ସ୍ଥାନୀୟ ବିଧାୟକ, ଏମ୍‌ପି କିଭଳି ଜାଣିପାରିଲେ ନାହିଁ ବୋଲି ଜିଲା ସଭାପତି ମୁନା ତ୍ରିପାଠୀ ପ୍ରଶ୍ନ କରିଛନ୍ତି। ୫-ଟି ସଚିବ ନବରଙ୍ଗପୁର ଜିଲାକୁ ଏତେ ଭଲ ପାଉଥିବା କଥା କହୁଛନ୍ତି। ତେବେ ଏ କ୍ଷେତ୍ରରେ ଗୋଇନ୍ଦା ବିଭାଗ ଏତେଦିନ ପର୍ଯ୍ୟନ୍ତ କ'ଣ କରୁଥିଲା ବୋଲି ଖବରଦାତା ସମ୍ମିଳନୀରେ ଜିଲା ସଭାପତି ପ୍ରଶ୍ନ କରିଛନ୍ତି। ଜିଲାପାଳଙ୍କ ବଦଳି ଦାବି କରିଛି ଜିଲା କଂଗ୍ରେସ।

ନବରଙ୍ଗପୁର ଏକ ଆଦିବାସୀ ଅଧ୍ୟୁଷିତ ପଛୁଆ ଜିଲା। ଏହି ଜିଲାର ଖଣି, ଶିଳ୍ପ, ରେଳ ଓ ଜଳସେଚନ ବିହୀନ। ଏଠାକାର ଭାରପ୍ରାପ୍ତ ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତଙ୍କ ଭୁବନେଶ୍ୱରସ୍ଥିତ କାନନବିହାର ଘରୁ କୋଟି କୋଟି ଟଙ୍କା ବାହାରିବା ଓ ନବରଙ୍ଗପୁର ସରକାରୀ ବାସଭବନ(କ୍ଲଷ୍ଟର ହାଉସ) କ୍ୱାର୍ଟର୍ସରୁ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

୬୭ ଲକ୍ଷ ଟଙ୍କା ବାହାରିବା ବଡ଼ ଦୁର୍ନୀତିକୁ ସୂଚାଉଛି। ଭାରପ୍ରାପ୍ତ ଉପଜିଲାପାଳ ରାଉତଙ୍କ ଚାକିରି କାଳ ମଧରେ ଅର୍ଜିତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତି କରିବାକୁ ଦଳ ଦାବି କରିଛି। କ୍ଲଷ୍ଟର ହାଉସ କ୍ୱାର୍ଟର୍ସକୁ ସେ ନିଜ ଅକ୍ତିଆରରେ ରଖି ସେଠାରେ ଟଙ୍କା କାରବାର କରୁଥିଲେ। ସେ ଉପଜିଲାପାଳଙ୍କ କ୍ୱାର୍ଟର୍ସ ଓ ପୂର୍ବରୁ ରହୁଥିବା କ୍ୱାର୍ଟର୍ସ କିଭଳି ବ୍ୟବହାର କରୁଥିଲେ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଏଥିପାଇଁ ଜିଲାପାଳ, ଏକାଧିକ ତହସିଲଦାର, ଗୋଇନ୍ଦା ବିଭାଗ ଓ ସ୍ଥାନୀୟ ବିଧାୟକ, ଏମ୍‌ପି ଦାୟୀ ବୋଲି ଜିଲା କଂଗ୍ରେସ କହିଛି। ଭାରପ୍ରାପ୍ତ ଜିଲାପାଳ ଏତେସବୁ କଳା କାରନାମା କରି ଚାଲିଥିଲେ ମଧ ଏମାନେ କିଭଳି ଜାଣିପାରିଲେ ନାହିଁ ବୋଲି ପ୍ରଶ୍ନ କରିଛି। ଉପଜିଲାପାଳ ପଦବୀ ଖାଲି ପଡ଼ିଥିବାବେଳେ ଜଣେ ଅତିରିକ୍ତ ଉପଜିଲାପାଳଙ୍କୁ ଭାରପ୍ରାପ୍ତ ଦାୟିତ୍ୱ କିଭଳି ସରକାର ଦେଇଥିଲେ। ରାଜ୍ୟ ସରକାରଙ୍କ ବିନା ଅନୁମତିରେ ଜମି କିଣାବିକାର ସୁଯୋଗ ଦିଆଯାଇ ବ୍ୟାପକ ଅର୍ଥ କାରବାର ହେଉଛି। ଭାରତମାଳା ସଡ଼କ ପାଇଁ ପଥର କ୍ୱାରି ନାଁରେ ବେଆଇନ ଖନନରେ ବ୍ୟାପକ ଅର୍ଥ କାରବାର, ଅନୁସୂଚିତ ଜାତି ଜମିକୁ ସାଧାରଣ ବର୍ଗରେ ପରିବର୍ତ୍ତନ ଅନୁମତି ପାଇଁ କିଛିଦିନ ତଳେ ୧୦ ଲକ୍ଷ ଟଙ୍କା ନେଇଥିବା ମଧ ଅଭିଯୋଗ କରିଛି କଂଗ୍ରେସ। ବାଲିମାଫିଆ, କାଠମାଫିଆ, ଅଙ୍ଗନୱାଡି କର୍ମୀ ନିଯୁକ୍ତି, ଗୋଚର ଜମିକୁ ହସ୍ତାନ୍ତର ପାଇଁ ଅନୁମତି ଦେବାରେ ଲକ୍ଷାଧିକ ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗ ହୋଇଥିଲା। ଭାରପ୍ରାପ୍ତ ଉପଜିଲାପାଳଙ୍କୁ ପଦବୀରୁ ବହିଷ୍କାର, ୨୪ ଘଣ୍ଟା ମଧରେ ଜିଲାପାଳଙ୍କୁ ବଦଳି କରାଯିବାକୁ ଜିଲା କଂଗ୍ରେସ ଦାବି କରିଛି। ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ବ୍ଲକ ସଭାପତି ଅବଦୁଲ ଫିରୋଜ, ନନ୍ଦାହାଣ୍ଡି ବ୍ଲକ ସଭାପତି ବୃନ୍ଦାବନ ତ୍ରିପାଠୀ, ଯୁବନେତା ସୁରଜ ଲାଲ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ରାଜ୍ୟ ସଂଯୋଜକ ପ୍ରକାଶ ସାମନ୍ତରାୟ, ଶହୀଦ ସ୍ମୃତି ସଂସଦ ଯୁଗ୍ମ ସମ୍ପାଦକ ସୁକମନ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।



ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ଶୁକ୍ରବାର ଜଗନ୍ନାଥଙ୍କ ବରାହ ଅବତାର । ( ଆଶିଷ ରଞ୍ଜନ ପଣ୍ଡା)



ବିଷମ କଟକରେ ନୃସିଂହ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ।



ଗୁଣପୁର ବଡ଼ ଜଗନ୍ନାଥ ମନ୍ଦିରରେ ଜଗନ୍ନାଥଙ୍କ ବରାହ ଅବତାର ।

## ସଂକ୍ଷେପରେ

### ସିଂଘାଣିଆଙ୍କ ଜୟନ୍ତୀରେ ରକ୍ତଦାନ ଶିବିର




ଜେକେପୁର, ୨୩।୬ (ନିଧି ଗାଣ୍ଡେଚା)- ଜେକେ କାଗଜକଳ ତରଫରୁ ଜେକେ ଗୋଷ୍ଠୀର ଭୂତପୂର୍ବ ଅଧ୍ୟକ୍ଷ ହରିଶଙ୍କର ସିଂଘାଣିଆଙ୍କ ୯୦ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜେକେ ଲେଡିଜ କ୍ଲବର ସଭାନେତ୍ରୀ ଶ୍ୱେତା ଦ୍ୱିବେଦୀ ଉଦଘାଟନ କରିଥିଲେ। ଉପ ସଭାପତି ବିନୟ ଦ୍ୱିବେଦୀ, ବିଶ୍ୱଜିତ୍ ଦ୍ୱିବେଦୀ, ମହାପ୍ରବନ୍ଧକ ସନ୍ଦୀପ ପାଣ୍ଡେ, ଡିସ୍ପେନସାରୀ ମୁଖ୍ୟ ଡା. କେଭି ରାଓ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଜେକେ କର୍ମଚାରୀ ତଥା ତାଙ୍କ ପରିବାର ବର୍ଗ ମୋଟ ୧୪୦ ୟୁନିଟ୍ ରକ୍ତଦାନ କରିଥିଲେ। ସମସ୍ତ ସଂଗୃହିତ ରକ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାୟଗଡ଼ା ରକ୍ତଭଣ୍ଡାର ଡା. ଗୋବିନ୍ଦ ପଟ୍ଟନାୟକ, ସରୋଜ ଆଚାର୍ଯ୍ୟ ଓ ତାଙ୍କ ଟିମ୍ ପରିଚାଳନା କରିଥିଲେ। ଜେକେ କାଗଜ କଳ ତରଫରୁ ମଙ୍ଗଳ ଟିମ୍ ମୁଖ୍ୟ ରଞ୍ଜିତ ଦାସ, ଭାସ୍କର ନାଇଡୁ, ଶିବ ଶଙ୍କର ପଣ୍ଡା, ଟି ଭେଙ୍କଟ ରାଓ ପ୍ରମୁଖ ପରିଚାଳନା କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ଡ୍ରାଇଭର ମହାସଂଘର କୃତଜ୍ଞତା

ରାୟଗଡ଼ା,୨୩।୬(ଆଶିଷ ରଞ୍ଜନ ପଣ୍ଡା)- ରାଜ୍ୟ ସରକାର ଡ୍ରାଇଭରଙ୍କ ବିଭିନ୍ନ ଦାବି ପୂରଣ କରିଥିବାରୁ ଶୁକ୍ରବାର ଡ୍ରାଇଭର ମହାସଂଘ ପକ୍ଷରୁ ବିଶାଳ ସମାବେଶ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଜିଲା ୧୧ଟି ବ୍ଲକର ପ୍ରାୟ ୨ ହଜାର ଡ୍ରାଇଭର ମଝିଘରିଆଣି ମନ୍ଦିର ନିକଟରୁ ପଦଯାତ୍ରା କରି ରେଲୱେ କଲୋନୀ ସ୍ଥିତ କମ୍ୟୁନିଟି ହଲରେ ପହଞ୍ଚିଥିଲେ। ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ଶିବ ଶଙ୍କର ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମହାସଂଘର ସଭାପତି ଜିତେନ୍ଦ୍ର ନାଏକ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଉପସଭାପତି ଯୋଗୀ ଜୀବନ ନାଏକ ଓ ଜିଲା ଆଡ଼ମିନ କାହ୍ନୁ ଗୌଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତୃଣମୂଳ ସ୍ତରରୁ ସମସ୍ୟା ସମାଧାନ ଦାବି

## ଜନ ଜାଗରଣ ମଞ୍ଚ ପକ୍ଷରୁ ଦାବିପତ୍ର

ରାୟଗଡ଼ା,୨୩।୬ (ଆଶିଷ ରଞ୍ଜନ ପଣ୍ଡା)

ଜନ ଜାଗରଣ ମଞ୍ଚ ଓ ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲାପାଳଙ୍କ ଅନୁପସ୍ଥିତିରେ ଏହି ଦାବିପତ୍ର ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଗ୍ରହଣ କରିଛନ୍ତି।

ଜିଲାର ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ପିଇବା ପାଣିର ଉତ୍ସଗୁଡ଼ିକର ମରାମତି ଓ ସୋକ୍‌ପିଟ୍‌ ନିର୍ମାଣ, ଯୋଗ୍ୟ ହିତାଧିକାରୀକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର, ବିଦ୍ୟୁତ୍ ସଂଯୋଗ, ବୃଦ୍ଧାବୃଦ୍ଧ, ବିଧବା ଏବଂ ଦିବ୍ୟାଙ୍ଗମାନଙ୍କ ଭତ୍ତା ୨ ହଜାରକୁ ବୃଦ୍ଧି ସହ ଘର ନିକଟରେ ଭତ୍ତା ପ୍ରଦାନ କରାଯିବାକୁ ଦାବି ହୋଇଛି। ସେହିପରି ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା ଓ ଗ୍ରାମକୁ ସାମୂହିକ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା, ଘରଡିହ ପଟ୍ଟା ପ୍ରଦାନ କରିବା, ଚାଷଜମିକୁ ଜଳସେଚନ ବ୍ୟବସ୍ଥା ସହ ଚେକ୍‌ଡ୍ୟାମ୍, କେନାଲ, ଉଠାଜଳସେଚନ ପଏଣ୍ଟଗୁଡ଼ିକୁ ମରାମତି କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ସେହିଭଳି ଚାଷ ନିମନ୍ତେ ସେପ୍ଟେମ୍ବର ସୁଦ୍ଧା ଡାଲି ଜାତୀୟ ବିହନ ମାଗଣାରେ ଯୋଗାଇଦେବା, ପାକଶାଳା ବଗିଚା ପାଇଁ ପନିପରିବା ବିହନ କିଟ୍ ପ୍ରଦାନ, ବାଦ୍ ପଡ଼ିଥିବା ପରିବାରବର୍ଗଙ୍କୁ ରାଶନ କାର୍ଡରେ ନାମ ପଞ୍ଜୀକରଣ ବ୍ୟବସ୍ଥା, ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ କରିବା ସହ ୧୫୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରିବାକୁ ଜନ ଜାଗରଣ ମଞ୍ଚ ପକ୍ଷରୁ ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଜନ ଜାଗରଣ ମଞ୍ଚର ଜିଲା ସଭ୍ୟ ଜାଣ୍ଟୁ ହିକକା, ବୃନ୍ଦାବନ ୱାଡ଼କା, ସଞ୍ଜୀବ ମାଝି, ଭାଗୀରଥି ଜାନୀ, ସାବି ଝୋଡ଼ିଆ, ସୁଶାନ୍ତ ତୋଇକା ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।




ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଜନ ଜାଗରଣ ମଞ୍ଚର କର୍ମକର୍ତ୍ତା।

# ଜିଲାବାସୀଙ୍କୁ ଭୁଆଁ ବୁଲାଉଛି ବିଜେଡି : ଭାଜପା

## ମଝିଘରିଆଣୀ ମନ୍ଦିରକୁ ଜମି ପ୍ରଦାନ ଘଟଣା

ରାୟଗଡ଼ା,୨୩।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିରର ଉନ୍ନତୀକରଣ ପାଇଁ ରେଳ ବିଭାଗ ନିଜ ଜମି ରାଜସ୍ୱ ବିଭାଗ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛି । ହେଲେ ମନ୍ଦିରକୁ ଜମି ପ୍ରଦାନ ଘଟଣାକୁ ନେଇ ବିଜେଡି ନେତା କାହିଁକି ମିଛ ବାହାବା ମାରୁଛନ୍ତି ବୋଲି ଭାଜପା ନେତା ପ୍ରଶ୍ନ କରିଛନ୍ତି। ଭାଜପା ପକ୍ଷରୁ ସ୍ଥାନୀୟ ଜିଲା କାର୍ଯ୍ୟାଳୟରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ଉଲାକା ଏଭଳି ପ୍ରଶ୍ନ ପଚାରି ବିଜେଡିକୁ ଟାର୍ଗେଟ କରିଛନ୍ତି। ବିଜେଡି ନେତାମାନେ ଗତ ୨ ଦିନ ହେଲା ଖବରଦାତା ସମ୍ମିଳନୀ କରି ଜିଲାବାସୀଙ୍କୁ ଭୁଆଁ ବୁଲାଉଥିବା ଭାଜପା ନେତା ଅଭିଯୋଗ କରିଛନ୍ତି । ମନ୍ଦିର ଜମି ହସ୍ତାନ୍ତର ପ୍ରକ୍ରିୟାରେ ନେତାଙ୍କ କୌଣସି ଭୂମିକା ନ ଥିବା ଭାଜପା ନେତା କହିଛନ୍ତି।

ଭାଜପା ନେତା ଅଭିଯୋଗ କରିଛନ୍ତି, ୨୦୨୧ ଅଗଷ୍ଟ ୨୦ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ରାୟଗଡ଼ା ଗସ୍ତ ସମୟରେ ମନ୍ଦିର କମିଟି ପକ୍ଷରୁ ମନ୍ଦିର ଜମି ପ୍ରସଙ୍ଗ ଉଠାଇଥିଲେ । ଜିଲା ଭାଜପା ମଧ୍ୟ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଉକ୍ତ ପ୍ରସଙ୍ଗକୁ ନେଇ ବୈଷ୍ଣବ ମନ୍ଦିରର ଉନ୍ନତି ପାଇଁ ଜମି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲା ପ୍ରଶାସନ ମଧ୍ୟ ଏ ନେଇ ଜିଲା ଭାଜପା ନେତାଙ୍କୁ ଜଣାଇବାରୁ ଦଳ ପୁନର୍ବାର ମନ୍ତ୍ରୀଙ୍କୁ ଜଣାଇଥିବା ଶିବ ପଟ୍ଟନାୟକ କହିଛନ୍ତି । ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଜାନୁୟାରୀ ୧୯ରେ ୱାଲ୍‌ଟିୟର ଡିଭିଜନ ଡିଆର୍‌ଏମ୍ ଅନୁପ ଶତପଥୀ ଚଇତି ପର୍ବରେ ଯୋଗଦେବା ଅବସରରେ ୬.୩୦ ଏକର ଜମି ହସ୍ତାନ୍ତର ନେଇ ମଞ୍ଚରେ ଘୋଷଣା କରିଥିଲେ । ହେଲେ ବର୍ତ୍ତମାନ ମନ୍ଦିରକୁ ଜମି ହସ୍ତାନ୍ତର ହେବା ପରେ ବିଜେଡି ମିଛ ପ୍ରଚାର କରୁଥିବା ଅଭିଯୋଗ କରିଛନ୍ତି ବସନ୍ତ ଉଲାକା । ସମ୍ମିଳନୀରେ ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ଉଲାକା ପ୍ରମୁଖ ଉପସ୍ଥିତ ଥିଲେ ।

ତେବେ ରାୟଗଡ଼ା ଡିଭିଜନ ନିର୍ମାଣ କାମ କେବେ ଆରମ୍ଭ ହେବ ବୋଲି ଖବରଦାତା ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ତୃତୀୟ ରେଲଲାଇନ କାର୍ଯ୍ୟ ଶେଷ ପରେ ଡିଭିଜନ କାର୍ଯ୍ୟ ଆରମ୍ଭ ହେବ ବୋଲି ଭାଜପା ସଭାପତି ଶିବ ପଟ୍ଟନାୟକ ସୂଚନା ଦେଇଛନ୍ତି । ୱାଲ୍‌ଟିୟର ଡିଭିଜନରୁ ଅଲଗା ଭାବେ ରାୟଗଡ଼ା ଡିଭିଜନ ନିର୍ମାଣକୁ ଆନ୍ଧ୍ରପ୍ରଦେଶ ଅନ୍ତରାୟ ସୃଷ୍ଟି କରୁଥିବା କଥା ଭାଜପା ସ୍ୱୀକାର କରିଛି । ଏହି ସମସ୍ୟା ଖୁବ୍‌ଶୀଘ୍ର ପ୍ରଧାନମନ୍ତ୍ରୀ ଦୂର କରୁଛନ୍ତି । ବିଶାଖାପାଟଣାଠାରେ ଦକ୍ଷିଣତଟ ରେଳପଥ ଜୋନ୍ ନୂତନ ଭାବେ ଖୋଲିବ ଏବଂ ପୂର୍ବତଟ ଜୋନ୍ ଅଧୀନରେ ରାୟଗଡ଼ା ରେଳ ଡିଭିଜନ କାର୍ଯ୍ୟକ୍ଷମ ହେବ ବୋଲି ଭାଜପା ସଭାପତି ଶିବ ପଟ୍ଟନାୟକ କହିଛନ୍ତି।




ଖବରଦାତା ସମ୍ମିଳନୀରେ ଭାଜପା ଜିଲାସ୍ତରୀୟ କର୍ମକର୍ତ୍ତା।

## ନିୟମିତ ଦାବିରେ ଆଉଟସୋର୍ସିଂ କର୍ମଚାରୀଙ୍କ ଦାବିପତ୍ର

ରାୟଗଡ଼ା,୨୩।୬(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କୁ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଆଉଟସୋର୍ସିଂ ପ୍ରଥାକୁ ଉଚ୍ଛେଦ କରାଯାଇ ସେମାନଙ୍କୁ ନିୟମିତ କରିବା, ସରକାରୀ କର୍ମଚାରୀ ଅର୍ନ୍ତଭୁକ୍ତ କରି ଗ୍ରୁପ-ବି କର୍ମଚାରୀଙ୍କୁ ୪୦ ହଜାର, ଗ୍ରୁପ-ସିଙ୍କୁ ୩୦ ହଜାର, ଗ୍ରୁପ-ଡି କର୍ମଚାରୀଙ୍କୁ ୨୧ହଜାର ଟଙ୍କା ଦରମା ପ୍ରଦାନ ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହିଭଳି ୨୫ % ଦରମା ବୃଦ୍ଧି, କାର୍ଯ୍ୟଦକ୍ଷତାକୁ ଆଧାର କରି ବାର୍ଷିକ ୧୦% ଦରମା ବୃଦ୍ଧି, କାର୍ଯ୍ୟରେ ବରିଷ୍ଠତା ଅଗ୍ରାଧିକାର, ଇଏସଆଇ, ୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଆଉଟସୋର୍ସିଂରେ କାମ କରି ଦୁର୍ଘଟଣାଜନିତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ୬ ଲକ୍ଷ ଏବଂ ମୃତ୍ୟୁଜନିତ ୧୦ ଲକ୍ଷ ଟଙ୍କା ବୀମା ରାଶି ପ୍ରଦାନ କରିବା, ଚାକିରି ସମୟରେ ମୃତ୍ୟୁ ହେଲେ ପରିବାରର ଜଣକୁ ଚାକିରି ଦେବା ଏବଂ ମହିଳା କର୍ମଚାରୀଙ୍କୁ ୨ ଥର ପ୍ରସୂତି ଅବକାଶ ପ୍ରଦାନ କରିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ସଭାପତି ସୁଶାନ୍ତ ପଟ୍ଟନାୟକ, ସମ୍ପାଦିକା ଉମା ପାଣିଗ୍ରାହୀ, ଦିବାକର ମିଶ୍ର, ରବି ମାଣ୍ଡାଙ୍ଗି ଓ ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ନାହାନ୍ତି ଭେଷଜ ବିଶେଷଜ୍ଞ, ଲମ୍ବା ଛୁଟିରେ ଶିଶୁରୋଗ ବିଶେଷଜ୍ଞ

## ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର

ଗୁଣପୁର,୨୩।୬ (ପ୍ରଦୀପ କୁମାର ପାଢ଼ୀ)

ରାଜ୍ୟ ସରକାର ରାୟଗଡା ଜିଲାକୁ ୩୨ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦେଇଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଜିଲାର ବିଭିନ୍ନ ସ୍ଥାନରେ ଖାଲି ଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ସେମାନଙ୍କୁ ପଠାଇଛନ୍ତି। ଏହି କ୍ରମରେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ୪ ଜଣ ଡାକ୍ତର ନିଯୁକ୍ତି ହୋଇଛନ୍ତି। ଗୁଣପୁରଠାରେ ନବନିଯୁକ୍ତ ଡାକ୍ତର ଓ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ମିଶାଇ ୧୨ରେ ପହଞ୍ଚିଛି। ହେଲେ ୨ଜଣ ସ୍ତ୍ରୀ ଓ ପ୍ରସୁତି ରୋଗ ବିଶେଷଜ୍ଞ ଡାକ୍ତରଙ୍କୁ ଛାଡିଲେ ଅନ୍ୟ କୌଣସି ବିଭାଗରେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଭେଷଜ ବିଶେଷଜ୍ଞ ଡାକ୍ତର କେହି ନ ଥିବାବେଳେ ଶିଶୁରୋଗ ବିଶେଷଜ୍ଞ ଗତ ୫ ମାସରୁ ଊର୍ଦ୍ଧ୍ୱ ହେବ ଲମ୍ବା ଛୁଟିରେ ଯାଇଛନ୍ତି। ଫଳରେ ଜନ୍ମଜାତକ ଓ ଶିଶୁରୋଗୀଙ୍କ ଚିକିତ୍ସା ପାଇଁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପିଲାଙ୍କ ମାତାପିତା ବାଧ ହୋଇ ରାୟଗଡା, ପାରଳାଖେମୁଣ୍ଡି ସହ ଅନ୍ୟ ମେଡିକାଲକୁ ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ତେଣୁ ରାଜ୍ୟ ସରକାର ତୁରନ୍ତ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବା ନେଇ ଦାବି ହୋଇଛି ।

ବର୍ତ୍ତମାନ ନୂତନ ଭାବେ ଡା. ପ୍ରିତମ ପ୍ରିୟଦର୍ଶନ , ଡା. ଅଶ୍ୱିନ କୁମାର ଦାସ, ଡା. ନେହା ସାହୁ, ଡା. ଦିଲିପ କଣ୍ଡାଗିରି ନିଯୁକ୍ତି ପାଇଛନ୍ତି। ପୂର୍ବରୁ ଗତ କିଛି ମାସ ତଳେ ଗୁଣପୁରଠାରେ ୪ ଜଣ ଡାକ୍ତର ନିଯୁକ୍ତି ପାଇଥିଲେ। ହେଲେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ବଦଳି କରାଯାଇଛି। ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତରଙ୍କୁ ମିଶାଇ ୧୯ ଜଣ ରହିବା କଥା, ହେଲେ ୩ଜଣ ଡେପୁଟେସନରେ ଆସିଥିବା ଡାକ୍ତରଙ୍କୁ ମିଶାଇ ବର୍ତ୍ତମାନ ଏଠାରେ ୧୧ ଜଣ ରହିଛନ୍ତି । ବିଶେଷଜ୍ଞଙ୍କ ସହ ସମସ୍ତ ମଞ୍ଜୁର ପ୍ରାପ୍ତ ୧୯ ଜଣ ଡାକ୍ତରଙ୍କୁ ଏଠାରେ ନିଯୁକ୍ତି ଦିଆଯିବାକୁ ସଧାରଣରେ ଦାବି ହୋଇଛି ।




ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ।

# ଶିବପଦର ଚାମ୍ପିୟନ

## ଯୁବଶକ୍ତି ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା

ଅମ୍ବାଦଲା,୨୩।୬ (ରବୀନ୍ଦ୍ର ପଣ୍ଡା)

ମୁନିଗୁଡା ବ୍ଲକ ଅନ୍ତର୍ଗତ ଦୁର୍କିଲିମାଠାରେ ଯୁବଶକ୍ତି କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମେ' ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଶିବପଦର ଏବଂ ଲାଞ୍ଜିଗଡ଼ସ୍ଥିତ ନିଉ ବେଦାନ୍ତ ନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ ଶିବପଦର ବାଜିମାତ କରି ଚାମ୍ପିଆନ ହୋଇଛି। ଉଦ୍‌ଯାପନୀରେ ଉତ୍ସବରେ ମୁଖ୍ୟ ଅତିଥି ରୂପେ କୋରାପୁଟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଜଗନ୍ନାଥ ନୁଣ୍ଡରୁକା ଯୋଗ ଦେଇଥିବାବେଳେ ମୁନିଗୁଡା ବ୍ଲକ ଉପାଧ୍ୟକ୍ଷ ଆଦର୍ଶ କୌଶଲ୍ୟା, ବିଜେଡି ନେତା ଧୀରେନ୍ଦ୍ର ପାଣିଗ୍ରାହୀ, ଚୈତନ୍ୟ ହାତୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ଚଳିତ ବର୍ଷର ଏହି ସିରିଜରେ ମୋଟ ୨୪ଟି ଦଳ ଅଂଶ ଗ୍ରହଣ କରିଥିଲେ। ଚାମ୍ପିୟନ ଦଳକୁ ୧୯ ହଜାର ଟଙ୍କା ଏବଂ ଟ୍ରଫି ଓ ରନର ଦଳକୁ ଟ୍ରଫି ସହ ୧୪ ହଜାର ଟଙ୍କା ପୁରସ୍କୃତ କରାଯାଇଛି। ଉପବିଜେତା ବେଦାନ୍ତ ନଗର ଦଳର ପ୍ରଶାନ୍ତ କୁମାର ମ୍ୟାନ ଅଫ ଦି ସିରିଜ ପୁରସ୍କାର ହାସଲ କରିଛନ୍ତି। ଫାଇନାଲ ମ୍ୟାଚରେ ଶ୍ରୀକାନ୍ତ ନୁଣ୍ଡରୁକା ଏବଂ ବବି କାଡ୍ରକା କ୍ରୀଡା ପରିଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ ଖେଳାଳିମାନେ ।

# ୨୦ ଧର୍ମାନୁଷ୍ଠାନ ପାଇଁ ୧.୫୦ କୋଟି ଅନୁଦାନ

## ବିଷମକଟକ ବ୍ଲକ୍

ବିଷମକଟକ, ୨୩।୬ (ବିଭୂତି ଭୂଷଣ ନାୟକ)

ରାୟଗଡ଼ା ଜିଲାକୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ମୁଖ୍ୟମନ୍ତ୍ରୀ ୧୫୫ଟି ପ୍ରକଳ୍ପ ପାଇଁ ୧୪ କୋଟି ୮୧ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରିଛନ୍ତି। ତେବେ ବିଷମକଟକ ବ୍ଲକର ୨୦ ଟି ଧର୍ମାନୁଷ୍ଠାନ ପାଇଁ ୧ କୋଟି ୫୦ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ କରାଯାଇଛି। ବିଷମକଟକ ଜଗନ୍ନାଥ ମନ୍ଦିର ଉନ୍ନତୀକରଣ ନିମନ୍ତେ ୧୨ଲକ୍ଷ, ମା' ମାର୍କମା ମନ୍ଦିର ପାଇଁ ୧୨ ଲକ୍ଷ, ବିଷମ କଟକ-ରାୟଗଡ଼ା ରୋଡ଼ଠାରେ ଅବସ୍ଥିତ କଲ୍ୟାଣ ମଣ୍ଡପ ନିମନ୍ତେ ୫ ଲକ୍ଷ, ଜେଇଏଲ୍ ଚର୍ଚ୍ଚରେ ଗୋଷ୍ଠୀ କେନ୍ଦ୍ର ଲାଗି ୧୦ ଲକ୍ଷ, ଚାଟିକୋଣା ପାତାଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ୧୫ ଲକ୍ଷ, ପଣସ ପଦର ସ୍ୱର୍ଣ୍ଣଗିରି ମନ୍ଦିରକୁ ୫ ଲକ୍ଷ, ବିଷମ କଟକ ହେମଗିରି ସାହି ହନୁମାନ ମନ୍ଦିରକୁ ୫ଲକ୍ଷ, ପାତାଳେଶ୍ୱର ଶିବମନ୍ଦିରକୁ ୧୦ ଲକ୍ଷ, ବାରିଗୁଡା ଦାରସୁଣୀ ଠାକୁରାଣୀ ମନ୍ଦିର ଉନ୍ନତି ନିମନ୍ତେ ୧୦ଲକ୍ଷ, ଭୈରବୀ ମନ୍ଦିର ଚାଟିକୋଣାକୁ ୫ଲକ୍ଷ, ଦୁର୍ଗା ରାଧାକାନ୍ତ ମନ୍ଦିର ପାଇଁ ୧୦ଲକ୍ଷ, ବିଷମକଟକ ଆଦିବାସୀ ସମାଜ ନିମନ୍ତେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ୧୦ ଲକ୍ଷ, ବିଷମ କଟକ ଚର୍ଚ୍ଚ ପାଇଁ ୫ ଲକ୍ଷ, ରାଧାକାନ୍ତ ମନ୍ଦିରକୁ ୫ଲକ୍ଷ, ଦୁର୍ଗା ଜଗନ୍ନାଥ ମନ୍ଦିର ୧୫ଲକ୍ଷ, କୁମ୍ଭାରଗଡ ଗ୍ରାମର ମାଣିକେଶ୍ୱରୀ ମନ୍ଦିରକୁ ୫ଲକ୍ଷ, ଦୁର୍ଗା ମନ୍ଦିରକୁ ୫ଲକ୍ଷ, ଚାଞ୍ଚଡାଗୁଡା ଶିବମନ୍ଦିରକୁ ୫ଲକ୍ଷ, ଶିବମନ୍ଦିର ୫ଲକ୍ଷ, ବିଷମ କଟକ ମଣ୍ଡଣି ଉନ୍ନତୀକରଣ ପାଇଁ ୫ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ବିଷମକଟକ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି, ଚାଟିକୋଣା ପାତାଳେଶ୍ୱର ଶିବମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସମେତ ଅନ୍ୟ ସମସ୍ତ ଧର୍ମାନୁଷ୍ଠାନର ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସୂଚନାଯୋଗ୍ୟ, ଗତ ୮ ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବିଷମକଟକ ବ୍ଲକ ଗସ୍ତରେ ଆସି ବିଭିନ୍ନ ଧର୍ମାନୁଷ୍ଠାନ, ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କଠାରୁ ଉନ୍ନୟନମୂଳକ ସମ୍ବନ୍ଧୀୟ ଦାବିପତ୍ର ଗ୍ରହଣ କରିଥିଲେ । ସମସ୍ତ ଦାବିକୁ ଗୁରୁତ୍ତର ସହ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ମୁଖ୍ୟମନ୍ତ୍ରୀ ପାଣ୍ଠି ସହାୟତା ଯୋଜନାରୁ ବ୍ଲକର ୨୦ଟି ଧର୍ମାନୁଷ୍ଠାନ ପାଇଁ ଅନୁଦାନ ରାଶି ପ୍ରଦାନ କରିଛନ୍ତି ।

### ମୁନିଗୁଡ଼ା ବ୍ଲକର ୨୬ ଧର୍ମାନୁଷ୍ଠାନକୁ ଅନୁଦାନ

ମୁନିଗୁଡ଼ା, ୨୩।୬ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡା ବ୍ଲକ୍‌କୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ବ୍ଲକର ୨୬ଟି ଧର୍ମାନୁଷ୍ଠାନ ଉନ୍ନତୀକରଣ ପାଇଁ ୨ କୋଟି ୨୦ଲକ୍ଷ ଟଙ୍କା ଅନୁଦାର ରାଶି ପ୍ରଦାନ କରାଯାଇଥିବା ଜଣାପଡିଛି । ମୁନିଗୁଡାର କଳିଙ୍ଗ ବୈଶ୍ୟ ସଂଘର କମ୍ୟୁନିଟି ହଲ୍‌ର ଉନ୍ନତୀକରଣ ପାଇଁ ୫ ଲକ୍ଷ, ବନଦୁର୍ଗା ମନ୍ଦିର ପାଇଁ ୧୦ ଲକ୍ଷ, ଶିରିଡିସାଇ ମନ୍ଦିର ପାଇଁ ୫ ଲକ୍ଷ, କନିକା ପରମେଶ୍ୱରୀ ମନ୍ଦିର ପାଇଁ ୫ ଲକ୍ଷ, ମୁନିଗୁଡାର ମୁସ୍‌ଲିମ କମ୍ୟୁନିଟି ହଲ୍ ପାଇଁ ୧୦ ଲକ୍ଷ, ୟୁନିୟନ ଚର୍ଚ୍ଚ ଉନ୍ନତୀକରଣ ପାଇଁ ୫ ଲକ୍ଷ, ମାରୱାଡି ପଞ୍ଚାୟତ ଧର୍ମଶାଳା ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ବ୍ଲକ ଅନ୍ତର୍ଗତ ଆମ୍ବଦଳା, ଇଚ୍ଛାପୁର, ବରଗୁଡା, ଖାଲିଆଗୁଡା ସହ ବିଭିନ୍ନ ପଞ୍ଚାୟତର ୨୬ଟି ଧର୍ମାନୁଷ୍ଠାନର ଉନ୍ନତୀକରଣ ଓ କମ୍ୟୁନିଟି ହଲ୍ ପାଇଁ ୨ କୋଟି ୨୦ଲକ୍ଷ ଟଙ୍କାର ଅନୁଦାନ ରାଶି ମିଳିଛି। ଏହି ଖବର ପାଇବା ପରେ ସମସ୍ତ ଧର୍ମାନୁଷ୍ଠାନର ସଦସ୍ୟମାନେ ଖୁସିବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସଚିବ ଭି.କେ.ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ନନ୍ଦପୁର: ୬ ଛାତ୍ରୀଛାତ୍ରଙ୍କ ନବୋଦୟ ସଫଳତା

ନନ୍ଦପୁର,୨୩।୬ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକର ୬ ଛାତ୍ରୀଛାତ୍ର ଜବାହର ନବୋଦୟ ବିଦ୍ୟାଳୟରେ ପାଠ ପଢିବାକୁ ଆୟୋଜିତ ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି। ଭିନ୍ନକ୍ଷମ ବର୍ଗରେ ଲାବଣ୍ୟ ଖେମୁଣ୍ଡୁ, ଅନୁସୂଚିତ ଜାତି ବର୍ଗରେ ଅନ୍ୱେଷା ଖେମୁଣ୍ଡୁ, ପଛୁଆ ବର୍ଗରେ ମଗିଲିପୁରୀ ବିନିତା ଓ ଆଦିବାସୀ ବର୍ଗରେ ସମୀର ସମେଲି, ଦିପାଞ୍ଜଳି ଦାଡ଼ିଆ ଓ ତପନ ଗୋଲରିଙ୍କୁ ଏହି ସଫଳତା ମିଳିଥିବା ନନ୍ଦପୁର ବ୍ଲକ ସହକାରୀ ଶିକ୍ଷାଧିକାରୀ ମମତାଜ ଗୋମାଙ୍ଗ ସୂଚନା ଦେଇଛନ୍ତି।

# 'ତମାଖୁମୁକ୍ତ ଯୁବକ ଅଭିଯାନ'ର ଶୁଭାରମ୍ଭ

ରାୟଗଡ଼ା, ୨୩।୬ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଭାରପ୍ରାପ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କ ଉପସ୍ଥିତିରେ 'ତମାଖୁମୁକ୍ତ ଯୁବକ ଅଭିଯାନ'ର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଭାରପ୍ରାପ୍ତ ଜିଲାପାଳ ସୋମନାଥ ପ୍ରଧାନ ତମାଖୁ ନିଷେଧ ଶପଥପାଠ କରାଇବା ସହିତ ସଭାରେ ଉପସ୍ଥିତ ଥିବା ବ୍ୟକ୍ତିବିଶେଷଙ୍କୁ ନିଜ ନିଜ କାର୍ଯ୍ୟକ୍ଷେତ୍ର ପରିସରକୁ ତମାଖୁ ମୁକ୍ତ ପରିବେଶ କରିବା ପାଇଁ କହିଥିଲେ। ଜିଲା ଶିକ୍ଷା ଅଧିକାରୀ ଏବଂ ଅଧ୍ୟକ୍ଷମାନେ ନିଜ ନିଜ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟକୁ ତମାଖୁମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲାଲମୋହନ ରାଉତରାୟ କହିଥିଲେ, ତମାଖୁ ନିବାରଣ କ୍ଷେତ୍ରରେ ରାୟଗଡ଼ା ଜିଲା ସବୁବେଳେ ପ୍ରାଥମିକତା ଦେଇଆସୁଛି । ଗତ ୫ବର୍ଷରେ ଆମ ଜିଲା ରାଜ୍ୟରେ ତମାଖୁ ନିବାରଣ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଆସୁଛି। ଚଳିତ ବର୍ଷ ରାଜ୍ୟସ୍ତରରେ ତମାଖୁ ନିବାରଣ କାର୍ଯ୍ୟକ୍ରମ ପାଇଁ ଜିଲାକୁ ବିଶ୍ୱ ତମାଖୁ ନିବାରଣ ଦିବସ ଦିନ ସମ୍ବୋଧିତ କରାଯାଇଥିଲା। ଜିଲା ପୋଲିସ ବିଭାଗ, ଜିଲା ଅବକାରୀ ବିଭାଗ, ଖାଦ୍ୟ ସୁରକ୍ଷା ବିଭାଗ ଓ ଜିଲା ଔଷଧ ନିରୀକ୍ଷକଙ୍କ ସହଯୋଗରୁ ଏହି ସଫଳତା ସମ୍ଭବ ହୋଇପାରିଛି ବୋଲି ଡା ରାଉତରାୟ କହିଥିଲେ । କାର୍ଯ୍ୟକ୍ରମରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭି.ଏଲ୍.ଏନ୍. ରାଜୁ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ସୁପରିଣ୍ଟେଣ୍ଡେଣ୍ଟ ଡା. ବରଦାକାନ୍ତ ମିଶ୍ର, ରୋଗ ନିୟନ୍ତ୍ରଣ ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମମତା ଚୌଧୁରୀ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ରାଜେଶ୍ୱର ରାଓ ପଟ୍ଟନାୟକ, ସହକାରୀ ପରିଚାଳକ ସଂଯୁକ୍ତା ବାଗ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ଗତ ମେ ୩୧ ତାରିଖରେ 'ତମାଖୁମୁକ୍ତ ଯୁବକ' ବିଷୟବସ୍ତୁ ଉପରେ ୬୦ଦିନିଆ ସର୍ବଭାରତୀୟ ତମାଖୁମୁକ୍ତ ଅଭିଯାନ ଆରମ୍ଭ କରିଛି । ଏଥିରେ ଯୁବକମାନଙ୍କ ମଧ୍ୟରେ ତମାଖୁ ସେବନକୁ ରୋକିବା ତଥା ତମାଖୁ ବ୍ୟବହାରକାରୀଙ୍କ ମଧ୍ୟ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଉଛି।




'ତମାଖୁମୁକ୍ତ ଯୁବକ ଅଭିଯାନ'ର ଶୁଭାରମ୍ଭ ଅବସରରେ ଉପସ୍ଥିତ ଅଧିକାରୀମାନେ ।

